■ ନାବାଳିକା ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲା

## ଫେରାର ଅଭିଯୁକ୍ତ ବରଗଡ଼ରୁ ଗିରଫ



**ବ୍ରହ୍ମପୁର,୧୦।୫(ସମିସ):** ନାବାଳିକା ଛାତ୍ରୀ ଗଣଦୁଷ୍କର୍ମ ମାମଲାରେ ସମ୍ପୃକ୍ତ ରହି ଫେରାର ଥିବା ଅଭିଯୁକ୍ତକୁ ବୈଦ୍ୟନାଥପୁର ଥାନା ପୁଲିସ ବରଗଡ ଜିଲ୍ଲା ଲୁହୁରାଛତିରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଭୁତସରସିଂ ଗ୍ରାମର ଓମକାର ଜେନା(୨୧)। ଓମକାର ବ୍ରହ୍ମପୁରରେ ରହି ଏକ ଘରୋଇ କଲେଜରେ ଡି-ଫାର୍ମା ପଢୁଥିଲେ। ଘଟଣା ପର ଠାରୁ ସେ ଫେରାର ଥିଲେ। ପୂର୍ବରୁ ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ତଥା ଆସିକା ପାଢୀ କଲୋନୀର ରୁତୁନ କୁମାର ଦାସ(୨୨), କୋଟିନଡା ଥାନା ବାବନପୁର ପାଟଣା ସାହିର ରୁଦ୍ର ଜେନା(୨୧), ବେଗୁନିଆପଡା ବାଲି ସାହିର ଅଭିଳାଶ ପଲାଇ(୧୯), ସୋରଡା ଥାନା ସାମପଲ୍ଲୀର ଆକାଶ ନାୟକ(୨୬) ଓ ଖଲ୍ଲିକୋଟ ଥାନା କେନ୍ଦୁପାଟର ଜୁମନ ଗୌଡ(୧୯) ଗିରଫ ହୋଇ ଜେଲ ଯାଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୩ତାରିଖରେ ଜଣେ ଯୁକ୍ତ ୨ ଛାତ୍ରୀଙ୍କୁ ବୈଦ୍ୟନାଥପୁର ଥାନା ଅଞ୍ଚଳର ଏକ ବ୍ୟାଚଲର ରୁମରେ ଗଣ ଦୁଷ୍କର୍ମ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ପିଡିତାଙ୍କ ପୁରୁଷ ବନ୍ଧୁ ରୁତୁନ ଦାଶ ତାଙ୍କୁ ନିଜ ମେସକୁ ଡାକି ନେବା ପରେ ମୃଦୁପାନୀୟରେ ନିଶାଦ୍ରବ୍ୟ ପିଆଇ ଅଚେତ ଅବସ୍ଥାରେ ଅନ୍ୟମାନଙ୍କ ସହିତ ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ହୋଇଥିଲା। ନାବାଳିକାଙ୍କ ଅଭିଯୋଗକୁ ଭିତ୍ତି କରି ବୈଦ୍ୟନାଥପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଘଟଣାର ତଦନ୍ତ କରି ପୁଲିସ ପର୍ଯ୍ୟାୟକ୍ରମେ ଉପରୋକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଘଟଣାର ତଦନ୍ତ ଜାରି ରହିଛି। ମାମଲାରେ ଯାହାର ସମ୍ପୃକ୍ତି ଥିବ ତୁରନ୍ତ ସେମାନଙ୍କୁ ଗିରଫ କରାଯିବ ବୋଲି ପୁଲିସ କହିଛି।

**ଗିରଫ ସଂଖ୍ୟା ୬କୁ ବୃଦ୍ଧି**

## କଂଗ୍ରେସରୁ ଇସ୍ତଫା ଦେଲେ ମହେଶ୍ୱର ପାତ୍ର

**ବ୍ରହ୍ମପୁର,୧୦।୫(ସମିସ):** ଦୀର୍ଘ ବର୍ଷ ହେବ କଂଗ୍ରେସରେ ବିଭିନ୍ନ ପଦରେ କାର୍ଯ୍ୟ କରିଥିବା ବରିଷ୍ଠ ନେତା ମହେଶ୍ୱର ପାତ୍ର ପ୍ରାଥମିକ ସଦସ୍ୟରୁ ଇସ୍ତଫା ଦେଇଛନ୍ତି। ସେ ବର୍ତ୍ତମାନ ଗଞ୍ଜାମ ଜିଲ୍ଲା ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ଇସ୍ତଫା ପତ୍ର ଗଞ୍ଜାମ ଜିଲ୍ଲା ସଭାପତି(ପୂର୍ବ) ନିକଟକୁ ପଠାଇଛନ୍ତି। ଆଗକୁ ସାଧାରଣ ନିର୍ବାଚନ ଥିବା ବେଳେ ଶ୍ରୀ ପାତ୍ରଙ୍କ ଏଭଳି ନିଷ୍ପତ୍ତି ଜିଲ୍ଲା କଂଗ୍ରେସକୁ ମହଙ୍ଗା ପଡିପାରେ ବୋଲି ବିଭିନ୍ନ ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

■ ବିଇଏମସିର ନିଆର ପ୍ରୟାସ

## ଟ୍ରାଫିକ୍ ପୋଷ୍ଟରେ ଅସ୍ଥାୟୀ ଟେଣ୍ଟ



**ବ୍ରହ୍ମପୁର,୧୦।୫(ସମିସ):** ବର୍ତ୍ତମାନ ସାରା ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଲାଗି ରହିଛି। ଖରା ସମୟରେ ଟ୍ରାଫିକ ଛକରେ ଅପେକ୍ଷା କରିବା ସବୁଠାରୁ କଷ୍ଟକର ବ୍ୟାପାର ହୋଇଛି। ବିଶେଷ କରି ଦୁଇଚକିଆ ଯାନରେ ଯାଉଥିବା ଲୋକଙ୍କ ଅବସ୍ଥା କହିଲେ ନସରେ। ଏହାକୁ ଦୃଷ୍ଟିରେ ରଖି ବିଇଏମସି ବ୍ରହ୍ମପୁର ସହରର ଏକାଧିକ ଛକରେ ଅସ୍ଥାୟୀ ଛପର କରିଛି। ଫଳରେ ଟ୍ରାଫିକ ଲାଇଟକୁ ଅପେକ୍ଷା କରିଥିବା ଯାତ୍ରୀମାନେ ସାମୟିକ ଅସ୍ୱସ୍ତି ଅନୁଭବ କରିଛନ୍ତି। ବର୍ତ୍ତମାନ ଏହା ମୁଖ୍ୟ ଟ୍ରାଫିକ ଗୁଡିକରେ ସ୍ଥାନିତ ହୋଇଛି। ପରବର୍ତ୍ତି ସମୟରେ ଏହି ସବୁ ଟ୍ରାଫିକ ଛକରେ କରାଯିବ ବୋଲି ନିଷ୍ପତି ହୋଇଛି। ଫଳରେ ବାଇକ ଅରୋହୀଙ୍କୁ ମିଳିଲା ଛାଇ। ଲଗାତର ୧୫ ଦିନ ଧରି ପାରଦ ଥିଲା ୩୪ ଡିଗ୍ରୀ ଉପରେ। ଘର ହେଉକି ରାଜରାସ୍ତା ରହି ହେଉନଥିଲା। ଖାସ କରି ଟ୍ରାଫିକ ପୋଷ୍ଟରେ ଖରାର ଯନ୍ତ୍ରଣା ବଳି ଯାଉଥିଲା। ଲୋକଙ୍କୁ ମୁଣ୍ଡ ଫଟା ଖରରୁ ମୁକ୍ତି ଦେବା ପାଇଁ ଟ୍ରାଫିକ ପୋଷ୍ଟରେ ସବୁଜ ପାଲ ଲଗାଇଛି ବିଇଏମସି। ପ୍ରାଥମିକ ପର୍ଯ୍ୟାୟରେ ବ୍ରହ୍ମପୁରର କମାପଲ୍ଲୀ ଛକ, ଟାଟା ବେଞ୍ଜ ଛକ, ପିଭିଏନ ପେଟ୍ରୋଲ ପମ୍ପ ଛକ ସମେତ ଅନ୍ୟାନ୍ୟ ଛକରେ ଏଭଳି ଲାଗିଛି। ଆଗାମୀ ଦିନରେ ଟ୍ରାଫିକ ଫ୍ଲୋ ଦେଖି ଅନ୍ୟ ଛକରେ ଏଭଳି ଗ୍ରୀନ ସ୍ୟାଡ଼ ଲଗାଇବ ବୋଲି ବିଇଏମସି ପକ୍ଷରୁ ସୂଚନା ମିଳିଛି । କେବଳ ଟ୍ରାଫିକ ଛକରେ ଗ୍ରୀନ ସେଡ ନୁହଁ ସହରରେ ଏକାଧିକ ଜାଗାରେ ଜଳଛତ୍ର ଖୋଲିଛି ବିଇଏମସି। ଦିନ ୧୧ରୁ ୩ ଟା ପର୍ଯ୍ୟନ୍ତ ଅତି ଆବଶ୍ୟକ ନଥିଲେ ଲୋକମାନେ ବହାରୁକୁ ନ ଯିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି । ସେପଟେ ବିଇଏମସି ଏ ପଦକ୍ଷେପକୁ ଲୋକେ ସ୍ୱାଗତ କରିଛନ୍ତି ।

# ୪ଟି ୱାର୍ଡରେ ଭୋଟ ଭିକ୍ଷା କଲେ ବିଜେଡି ବିଧାୟକ ପ୍ରାର୍ଥୀ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ



**ବ୍ରହ୍ମପୁର,୧୦।୫(ସମିସ):** ଶନିବାର ଦିନ ଶେଷ ଶେଷ ହେବ ନିର୍ବାଚନ ପ୍ରଚାର। ଏହାକୁ ଦୃଷ୍ଟିରେ ସହରରେ ବିଜେଡି ବିଧାୟକ ପ୍ରାର୍ଥୀ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ପ୍ରଚାର ଜୋରଦାର କରିଛନ୍ତି। ପ୍ରତି ସାହିକୁ ଯାଇ ଭୋଟରଙ୍କୁ ଘର ଘର ବୁଲି ଭୋଟ ଭିକ୍ଷା କରିଥିଲେ। ଶୁକ୍ରବାର ଦିନ ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ୨୫,୨୬,୨୭ ଓ ୨୮ନମ୍ବର ୱାର୍ଡର ବିଭିନ୍ନ ସାହି ବୁଲି ଚଳିତ ମାସ ୧୩ତାରିଖରେ ହେବାକୁ ଥିବା ନିର୍ବାଚନରେ ଶଙ୍ଖ ଚିହ୍ନରେ ଭୋଟ ଦେଇ ନିର୍ବାଚିତ କରିବାକୁ ଲୋକଙ୍କୁ ଅନୁରୋଧ କରୁଥିଲେ। ଏହା ସହ ବିଜେଡି ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ନିମନ୍ତେ ମଧ ଭୋଟ ଭିକ୍ଷା କରିଥିଲେ। ବିଭିନ୍ନ ସ୍ଥାନ ବୁଲିବା ସାଙ୍ଗକୁ ଅଞ୍ଚଳବାସୀଙ୍କୁ ସିଧା ସଳଖ ସାକ୍ଷାତ କରି ସେମାନଙ୍କ ସମସ୍ୟା ପଚାରି ବୁଝିଥିଲେ। ପ୍ରଚାର କାଜୁ ନିଗମ ଅଧକ୍ଷ ସୁବାସ ଚନ୍ଦ୍ର ମହାରଣା, ମେୟର ସଂଘମିତ୍ରା ଦଳେଇ, ଭୀମସେନ ଦଳେଇ, କର୍ପୋରେଟ ନୀଳକଣ୍ଠ ସାହୁ, ଦୁର୍ଗା ଲାୟେକ, ନରସିଂହ ସେଠୀ, ଲକ୍ଷ୍ମୀ ପାଢୀ, ପୂର୍ବତନ କର୍ପୋରେଟର ମମତା ରାଣୀ ନାୟକ, ଶୁଭେନ୍ଦୁ ସ୍ୱାଇଁ, ମମତା ବିଷୋୟୀ, ମୁକୁନ୍ଦ ଗୌଡ, ମୁନା ନାୟକ, ବିଭୂତି ଭୂଷଣ ପାଢ଼ୀ ଓ ସୁରେଶ ତ୍ରିପାଠୀଙ୍କ ସମତେ ବହୁ ବିଜେଡି ନେତା ଏବଂ କର୍ମୀମାନେ ଉପସ୍ଥିତ ଥିଲେ।

## ବିଜେଡିରେ ମିଶ୍ରଣ ପର୍ବ



**ବ୍ରହ୍ମପୁର,୧୦।୫(ସକମିସ):** ସ୍ଥାନୀୟ ବଙ୍ଗାଳୀ ସାହି ସ୍ଥିତ ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ରଙ୍କ କାର୍ଯ୍ୟାଳୟରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ କଂଗ୍ରେସ କର୍ମୀ ସାଂସଦ ପ୍ରାର୍ଥୀଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଥିଲେ। ସେମାନେ ହେଲେ ମନସୋର ବେଗ୍, ସୟଦ ଅସହନ, ସାଇଖ ଆଜମୀ, ସୟଦ ଜାଫର, ଶେଖ ହାଇଦର, ମହମ୍ମଦ ରହିଲ, ଶେଖ ନୁର, ସୟଦ ଆକବର ଓ ବୁବୁନ ମିଶ୍ର ସାମିଲ ହେଉଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣ ଯୋଜନାରେ ଅନୁପ୍ରାଣୀତ ହୋଇ ବିଜେଡିରେ ସାମିଲ ହୋଇଥିବା କର୍ମୀମାନେ କହିଥିଲେ। ଅନ୍ୟପକ୍ଷରେ ଆଗକୁ ନିର୍ବାଚନ ଥିବା ବେଳେ ଅନ୍ୟ ଦଳରୁ ବହୁ କର୍ମୀ ବିଜେଡିରେ ସାମିଲ ହେଉଛନ୍ତି। ଏଭଳି କ୍ଷେତ୍ରରେ ବିଜେଡିର ଶକ୍ତି ବୃଦ୍ଧି ହେବାରେ ଲାଗିଛି। ଅନ୍ୟମାନଙ୍କ ମଧ୍ୟରେ ମିଶ୍ରଣ ପର୍ବରେ ମେୟର ସଂଘମିତ୍ରା ଦଳେଇ, ମିଶନ ଶକ୍ତି ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର, ଅର୍ବାନ ବ୍ୟାଙ୍କ ସଭାପତି ଆର. ମୁରଲୀ ମୋହନ, ବିଜୁ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ ସଚିନ ପଣ୍ଡା, ଜିଲ୍ଲା ସଭାପତି ଭବାନୀ କାନ୍ତ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ବରିଷ୍ଠ କଳାକାର ସଂଘର ଶୋକସଭା

**ବ୍ରହ୍ମପୁର,୧୦।୫(ସମିସ):** ସ୍ଥାନୀୟ ସିଟି ହାଇସ୍କୁଲ ରୋଡ ସ୍ଥିତ ମାନସ ଭବନ ପରିସରରେ 'ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ' ତରଫରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ କାର୍ଯ୍ୟକାରୀ ସଭାପତି ଦୂର୍ଗା ପ୍ରସାଦ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତା କରିଥିଲେ। ସଂଘର ବରିଷ୍ଠ ସଦସ୍ୟ ନାଟ୍ୟ ନିର୍ଦ୍ଦେଶକ ସ୍ୱର୍ଗତ ଶିଶୁ ନାହାକଙ୍କ ଅମର ଆତ୍ମାର ଦସଗତି କାମନା ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାସହ ସ୍ମୃତି ଚାରଣ କରାଯାଇଥିଲା। ଉଭୟ ମଞ୍ଚ ନାଟକ ଓ ଲୋକ ନାଟକ କ୍ଷେତ୍ରରେ ପ୍ରବୀଣ ଶିଶୁ ନାହାକଙ୍କ ଅବର୍ତ୍ତମାନ ଗଞ୍ଜାମର ସାଂସ୍କୃତିକ କ୍ଷେତ୍ର ପାଇଁ ଏକ ବିରାଟ ଶୂନ୍ୟସ୍ଥାନ ସଦୃଶ ପ୍ରତୀତ ହୁଏ ବୋଲି ସଂଘ ସଂପାଦକ ସୁବାସ ଚନ୍ଦ୍ର ସାହୁ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷାବିତ୍ ତଥା କଳାକାର ଶଙ୍କର୍ଷଣ ସାବତ, କଳାପ୍ରାଣ କୈଳାସ ପାଣିଗ୍ରାହୀ, ନୃତ୍ୟଶିଳ୍ପୀ ସୁବାସ ଚନ୍ଦ୍ର ସାହୁ ମାମା, ଅଭିରାମ ରାଉଳ, ମୃଦଙ୍ଗ ବାୟକ କୁନୁ ବେହେରା, କଣ୍ଠଶିଳ୍ପୀ ମମତା ପ୍ରଧାନ, କଶିନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରିକେଟ୍ ଖେଳୁଥିବା ବେଳେ ଟଳିପଡ଼ିଲେ ଯୁବକ

**ବ୍ରହ୍ମପୁର,୧୦।୫(ସମିସ):** ସ୍ଥାନୀୟ ଖଲ୍ଲିକୋଟ କଲେଜ ଖେଳ ପଡ଼ିଆରେ ଶୁକ୍ରବାର ଏକ ଅଘଟଣ ଘଟିଛି। କ୍ରିକେଟ ଖେଳୁଥିବା ବେଳେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ବୈଦ୍ୟନାଥପୁର ଥାନା ଆଙ୍କୁଲି କୁମ୍ଭାରପଲ୍ଲୀର ସୁନୀଲ କୁମାର ନାହାକ(୩୧) ।ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ସୂଚନାଯୋଗ୍ୟ ଯୋଗ୍ୟ ଯେ, ସୁନୀଲ ତାଙ୍କର କେତେଜଣ ସାଙ୍ଗଙ୍କ ସହ ପ୍ରତିଦିନ ଭଳି ଶୁକ୍ରବାର ସକାଳେ ଖଲ୍ଲିକୋଟ କଲେଜ ପଡିଆକୁ କ୍ରିକେଟ ଖେଳିବାକୁ ଆସିଥିଲେ। ସେ ବ୍ୟାଟିଂ କରିବା ମଝିରେ ହଠାତ ପାଣି ପିଇବାକୁ ମାଗିଥିଲେ। ପାଣି ପିଇବା ପୂର୍ବରୁ ସେ ଅଚେତ ହୋଇଯାଇଥିଲେ। ଅନ୍ୟ ଖେଳାଳିମାନେ ତାଙ୍କୁ ପ୍ରଥମେ ସିଟି ହସ୍ପିଟାଲ ଓ ପରେ ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସୁନୀଲଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମେଡ଼ିକାଲରେ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

**ଅକ୍ଷୟ ତୃତୀୟାରେ ସୁନା ଦୋକାନରେ ଭିଡ**

## ଦର ବୃଦ୍ଧି ପରେ ବି ରହିଛି ଚାହିଦା



**ବ୍ରହ୍ମପୁର,୧୦।୫(ସମିସ):** ପବିତ୍ର ଅକ୍ଷୟ ତୃତୀୟା ଉପଲକ୍ଷେ ସହରର ସମସ୍ତ ସୁନା ଦୋକାନରେ ଗ୍ରାହକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଏହି ଦିନକୁ ସମସ୍ତେ ଏକ ଶୁଭଦିନ ଭାବେ ବିବେଚନା କରିଥାନ୍ତି। ସୁନା ଓ ରୂପା ଭଳି ମୂଲ୍ୟବାନ ଧାତୁ ଗ୍ରାହକମାନେ କିଣିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି। ତେଣୁ ଭଲ ବ୍ୟବସାୟ ଆଶାରେ ସୁନା ଦୋକାନୀ ଓ ସୋ'ରୁମ୍ ଗୁଡ଼ିକ ମଧ ଏହି ଦିନ ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି। ସହରରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ସୁନା ଦୋକାନ ରହିଥିବା ବେଳେ ୧୦ରୁ ଅଧିକ ନାମୀଦାମୀ କମ୍ପାନୀର ଦୋକାନ ରହିଛି। ଚଳିତବର୍ଷ ୨୨କ୍ୟାରେଟର ସୁନା ଗ୍ରାମ ପିଛା ୬ହଜାର ୭୦୦ ଟଙ୍କା ରହିଥିବା ବେଳେ ୨୪କ୍ୟାରେଟର ସୁନା ଗ୍ରାମ ପିଛା ୭ହଜାର ୩୦୯ଟଙ୍କା ରହିଛି। ସେହିପରି ରୂପା ଗ୍ରାମ ପିଛା ୯୧ଟଙ୍କା ରହିଛି। ଅକ୍ଷୟ ତୃତୀୟା ଅବସରରେ ରାଜ୍ୟରେ ସୁନା ବିକ୍ରି ବେଶ୍ ବୃଦ୍ଧି ପାଇଛି। ଗତବର୍ଷ ତୁଳନାରେ ଏଥର ବିକ୍ରି ୧୨-୧୫ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିବ ବୋଲି ଗହଣା ବ୍ୟବସାୟୀମାନେ କହିଛନ୍ତି। ସେ କହିଛନ୍ତି ଯେ ସୁନା ଦର ଉଚ୍ଚ ସ୍ତରରେ ଥିଲେ ମଧ ତାହା କିଣା କିଣିକୁ ବିଶେଷ ପ୍ରଭାବିତ କରିବ ନାହିଁ। ବିବାହ ଆଦି କାର୍ଯ୍ୟ ଲାଗି ଲୋକମାନେ ଏହି ସମୟରେ ନିଜର ଗହଣା କିଣିଥାନ୍ତି। ସ୍ୱାଭାବିକ ଦିନ ତୁଳନାରେ ଅଧିକ ଗ୍ରାହକ ଷ୍ଟୋର୍‌କୁ ଆସି କିଣାକିଣି କରୁଛନ୍ତି ବୋଲି ବ୍ୟବସାୟୀ ମାନେ କହିଛନ୍ତି। ସୁନାରେ ଲୋକମାନେ ନେକ୍‌ଲେସ୍, ଚୁଡ଼ି, ଚେନ୍, ମୁଦି ଆଦି କିଣୁଥିବା ବେଳେ ହୀରାରେ ମଧ ମୁଦି, ନେକ୍‌ଲେସ୍ ଆଦି ବିକ୍ରି ବୃଦ୍ଧି ହେଉଛି। ଷ୍ଟୋନ୍ ଖଚିତ ଗହଣାଗୁଡ଼ିକର ମଧ ଚାହିଦା ରହିଥିବା କୁହାଯାଇଛି।ସେହିପରି ଏହି ଦିନ ସୁନା ଦୋକାନଗୁଡ଼ିକରେ ଗ୍ରାହକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସୋ'ରୁମ୍‌ଗୁଡ଼ିକ ବ୍ୟାପକ ପ୍ରସ୍ତୁତି କରିଛନ୍ତି। କିଛି ସୋ'ରୁମ୍ ସକାଳ ୮ଟା ସୁଦ୍ଧା ଖୋଲିବାକୁ ନିଷ୍ପତି ହୋଇଛି। ଷ୍ଟୋର ଗୁଡ଼ିକରେ ଅତିରିକ୍ତ ପେମେଣ୍ଟ କାଉଣ୍ଟର ଖୋଲାଯାଇଛି। ପୂର୍ବରୁ ବୁକିଂ କରିଥିବା ଗ୍ରାହକଙ୍କୁ ଡେଲିଭରି ଦେବା ଲାଗି ମଧ ଅଲଗା କାଉଣ୍ଟର ରହିଛି। ଅନ୍ୟପକ୍ଷରେ ସନ୍ଧ୍ୟା ସମୟରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ସହର ବଡ଼ ବଜାର, ସନ ବଜାର, ଅନ୍ନପୂର୍ଣ୍ଣା ମାର୍କେଟ, ନୂଆଁ ବସଷ୍ଟାଣ୍ଡ ଓ ପୁରୁଣା ବସଷ୍ଟାଣ୍ଡ ସମେତ ବିଭିନ୍ନ ସ୍ଥାନରେ ଘଣ୍ଟା ଘଣ୍ଟ ଘଣ୍ଟା ଟ୍ରାଫିକ ଜାମ ରହିଥିଲା। ସାଧାରଣତଃ ବଡ଼ ବଜାର ଓ ସାନ ବଜାରରେ ଅଧିକାଂଶ ସୁନା ଦୋକାନ ରହିଥିବା ବେଳେ ଉକ୍ତ ଅଞ୍ଚଳରେ ଗାଡ଼ି ପାର୍କିଂ ନିମନ୍ତେ କୌଣସି ବ୍ୟବସ୍ଥା ନଥିବା ବେଳେ ସେହି ଅଞ୍ଚଳରେ ଅଧିକ ଟ୍ରାଫିକ ସମସ୍ୟା ହୋଇଥିବା ଦେଖିବାକୁ ମିଳିଥିଲା। ସେହିପରି ପବିତ୍ର ଅକ୍ଷୟ ତୃତୀୟା ଉପଲକ୍ଷେ ସହର ବିଭିନ୍ନ ସ୍ଥାନରେ ଛାଞ୍ଚୁଣି ମଧ ବିକ୍ରି ହୋଇଥିଲା। ଏହି ଦିନରେ ଛାଞ୍ଚୁଣି କ୍ରୟ କରିବା ଦ୍ୱାରା ଶୁଭ ହୋଇଥାଏ ବିଲି ଲୋକଙ୍କ ଆଶଙ୍କା ରହିଥାଏ। ସେହିପରି ଲୁଟ ଆଶଙ୍କାରେ ବ୍ରହ୍ମପୁର ପୁଲିସ ଜିଲ୍ଲା ପକ୍ଷରୁ ବିଭିନ୍ନ ସ୍ଥାନରେ ପୁଲିସ ମୁତୟନ ହୋଇଛନ୍ତି।

## ଆକ୍ରମଣ ମାମଲାରେ ଦୁଇ ଗିରଫ

**ବ୍ରହ୍ମପୁର,୧୦।୫(ସମିସ):** ଗୋଷାଣୀନୁଆଗାଁ ପୁଲିସ ଶୁକ୍ରବାର ଆକ୍ରମଣ ଓ ପ୍ରତି ଆକ୍ରମଣ ମାମଲାରେ ଦୁଇଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସେମାନେ ହେଲେ ଫୁଲଟା ଗ୍ରାମର ପ୍ରଶାନ୍ତ କୁମାର ନାହାକ (୩୨) ଓ ଅପରପକ୍ଷର ଲିଙ୍ଗରାଜ ଚର୍ଚି (୩୩)। ସୂଚନାଯୋଗ୍ୟ ଯେ ଗତ ୮ ତାରିଖ ରାତ୍ର ପ୍ରାୟ ୧୦ଟା' ରେ ଲିଙ୍ଗରାଜ ହଳାଦିଅପଦରରୁ ଘରକୁ ଫେରୁଥିଲେ। ସେଠାରେ ପ୍ରଶାନ୍ତ ଓ ତାଙ୍କର ଦୁଇ ଜଣ ସହଯୋଗୀ ତାଙ୍କୁ ଅଟକାଇଥିଲେ। ଉଭୟ ପକ୍ଷଙ୍କ ମଧ୍ୟରେ ଝଗଡା ହୋଇଥିଲା। ପ୍ରଶାନ୍ତ ହାତରେ ଧରିଥିବା ଏକ ଧାରୁଆ ଅସ୍ତ୍ରରେ ଲିଙ୍ଗରାଜଙ୍କ ମୁଣ୍ଡ ଓ ଶରୀରରେ ଆକ୍ରମଣ କରିଥିଲେ। ସେ ଚିତ୍କାର କରିଥିଲେ। ସ୍ଥାନୀୟ ଲୋକ ସେଠାରେ ରୁଣ୍ଡ ହେବାରୁ ପ୍ରଶାନ୍ତ ଓ ତାଙ୍କ ସହଯୋଗୀ ମାନେ ଚମ୍ପଟ ମାରିଥିଲେ। ସୁସ୍ଥ ହେବା ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ସେହିପରି ପ୍ରଶାନ୍ତଙ୍କୁ ମଧ ଲିଙ୍ଗରାଜ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଉଭୟଙ୍କ ଅଭିଯୋଗକୁ ଆଧାର କରି ଦୁଇଟି ପୃଥକ ମାମଲା ରୁଜୁ କରିଥିଲା ।

## ଏମ୍‌କେସିଜିରୁ ଚୋରି

**ବ୍ରହ୍ମପୁର,୧୦।୫ (ସମିସ):** ଏମକେସିଜି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ମେଡିସିନ ବିଭାଗରୁ ବିଭିନ୍ନ ପ୍ରକାର ସାମଗ୍ରୀ ଚୋରି ହୋଇଛି । ଏ ନେଇ ବିଭାଗୀୟ ମୁଖ୍ୟଙ୍କ ନିର୍ଦ୍ଦେଶପ୍ରକାରେ ମେଡିସିନ ଷ୍ଟୋରର ଇନଚାର୍ଜ ଡ଼ ଧଳେଶ୍ୱର ମେହେର ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ପ୍ରକାରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସୂଚନାଯୋଗ୍ୟ ଯେ, ମେଡିସିନ ବିଭାଗ ପୁରୁଣା ଷ୍ଟୋରରେ ବିଭିନ୍ନ ସାମଗ୍ରୀ ରହିଥିଲା । ଗତକାଲି ଉକ୍ତ ରୁମରୁ ଉଚ୍ଚତା ମାପିବା ଷ୍ଟାଣ୍ଡ, ଇନଫ୍ରାରେଡ ଲ୍ୟାମ୍ପ, ମୁତ୍ର ପରୀକ୍ଷା ମେସିନ, ସେଣ୍ଟ୍ରିଫ୍ୟୁଜ ଟ୍ୟୁବ, ଟଙ୍ଗ୍ ପତୁଲା, ଟ୍ୟୁବର ଚ୍ୟାମ୍ବର, ସ୍ଲାଇଡ କ୍ୟାବିନେଟ, ସଲିଡ ଟିକ ଚେୟାର, ରେକ, ଆପାରାଟୁସ, ହେମୋସାଇମିଟର, ସେଣ୍ଟ୍ରିଫ୍ୟୁଜ ମେସିନ, ପଲସ୍ ଅକ୍ସିମିଟର, ରକ୍ତଚାପ ମାପି ଯନ୍ତ୍ର, ସ୍ପାଇରାଲ ମନୋମିଟର, ରେକର୍ଡ ସିରିଞ୍ଜ, ସାଙ୍ଗସଟେକେନ ଟ୍ୟୁବ, ମିଲେନ ଆବଟ ଟ୍ୟୁବ ସମେତ ବହୁ ସାମଗ୍ରୀ ଚୋରି ହୋଇଛି।







# ପର୍ଯ୍ୟଟକଙ୍କ ପାଇଁ ଆଜିଠାରୁ ଖୋଲିବ ଗୋପାଳପୁର ବତୀଘର

**ବ୍ରହ୍ମପୁର ୧୦/୫ (ସମିସ):** ଦୀର୍ଘ ୧୧ ବର୍ଷଧରି ପର୍ଯ୍ୟଟକଙ୍କ ପାଇଁ ଲାଗି ରହିଥିବା କଟକଣା ଉଠିଲା । ଗୋପାଳପୁର ବତୀଘର ପର୍ଯ୍ୟଟକ ନିମନ୍ତେ ଖୋଲିବା ପାଇଁ ଶନିବାର ଠାରୁ ଖୋଲିବ ବୋଲି ନିଷ୍ପତି



**ଦୀର୍ଘ ୧୧ବର୍ଷ ଧରି ପର୍ଯ୍ୟଟକଙ୍କ ପାଇଁ କଟକଣା ଲାଗି ରହିଥିଲା**

ହୋଇଛି । ସେ ନେଇ ଆଜି ଭାରତ ସରକାରଙ୍କ ବନ୍ଦର ନୌ ପରିବହନ ଏବଂ ଜଳମାର୍ଗ ମନ୍ତ୍ରାଳୟ ବତୀଘର ଏବଂ ବତି ଜାହାଜ ନିର୍ଦ୍ଦେଶାଳୟ କଲିକତା କାର୍ଯ୍ୟାଳୟ ପକ୍ଷରୁ ଗୋପାଳପୁର ବତୀଘରକୁ ଚିଠି ହୋଇଥିବା ନେଇ ଏସ. କେ. ପାଢ଼ୀ ସୂଚନା ଦେଇଛନ୍ତି । ଏହି ବତୀଘର ସନ୍ଧ୍ୟା ୪ ଘଣ୍ଟା ଠାରୁ ୫ଟା ପର୍ଯ୍ୟନ୍ତ ପର୍ଯ୍ୟଟକ ମାନଙ୍କ ପାଇଁ ବତୀଘର ଉପରକୁ ଯିବା ପାଇଁ ଖୋଲା ରହିବ । ଭାରତୀୟ ବୟସ୍କ ପ୍ରାପ୍ତ ଲୋକଙ୍କ ପାଇଁ ୧୦ ଟଙ୍କା ଟିକଟ ରହିଥିବା ବେଳେ ବାର ବର୍ଷରୁ କମ ପିଲାଙ୍କ ପାଇଁ ୩ ଟଙ୍କା ଓ ବିଦେଶୀ ପର୍ଯ୍ୟଟକ ପାଇଁ ୨୫ ଟଙ୍କା, ଫୋଟ ଗ୍ରାଫି ପାଇଁ ୨୦ ଟଙ୍କା, ଭିଡିଓ ଗ୍ରାଫି ପାଇଁ ୨୫ ଟଙ୍କା ମୂଲ୍ୟ ଧାର୍ଯ୍ୟ ହୋଇଛି । ତାହାସହ ଉପରକୁ ଯିବା ପାଇଁ ବିଭିନ୍ନ ନିୟମାବଳି ରହିଛି । ପର୍ଯ୍ୟଟକ ମାନେ ପରିସରରେ ସେଲ୍ଫିପଏଣ୍ଟ, ପାର୍କ, ଶୌଚାଳୟ, ପାନୀୟ ଜଳ ଆଦି ବ୍ୟବସ୍ଥା ରହିଛି । ସୂଚନା ପ୍ରକାରେ ୨୦୧୩ ମସିହା ଠାରୁ ସର୍ବସାଧାରଣଙ୍କ ପ୍ରବେଶ ଉପରେ କଟକଣା ଲଗାଇ ଦିଆଯାଇଥିଲା । ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପରେ ସୁରକ୍ଷାକୁ ନଜରରେ ରଖି ସାମୁଦ୍ରିକ ପଥ ଉପରେ କଡ଼ା ନଜର ରଖିବା ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ପତି ପ୍ରକାରେ ୨୦୧୩ ମସିହାରେ ବତିଘର ଉପରେ ଏକ ରାଡାର୍ ଖଞ୍ଜାଯାଇଥିଲା । ତେଣୁ ପର୍ଯ୍ୟଟକଙ୍କ ପାଇଁ କଟକଣା ଜାରି ହୋଇଥିଲା । ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଶନିବାର ଠାରୁ ଖୋଲିବ ବୋଲି ଜଣାପଡ଼ିଛି ।



ରଥଖଳା ଅନୁକୂଳ

## ୧୩ରେ ବ୍ରହ୍ମପୁର ଲୋକସଭା ଆସନ ଲାଗି ଭୋଟ

# ଆଜି ସରିବ ପ୍ରଚାର, ଦମ୍ ଦେଖାଉଛନ୍ତି ପ୍ରାର୍ଥୀ





**ବ୍ରହ୍ମପୁର, ୧୦।୫(ସମିସ)**

ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୧୩ତାରିଖରେ ହେବ । ଏଥିଲାଗି ଶନିବାର ପ୍ରଚାର ସରିବ । ଏହିକ୍ରମରେ ବ୍ରହ୍ମପୁର ଲୋକସଭା ଅନ୍ତର୍ଗତ ସମସ୍ତ ବିଧାନସଭା କ୍ଷେତ୍ରରେ ମଧ୍ୟ ୧୩ରେ ଭୋଟ ପଡ଼ିବ । ଏଥିଲାଗି ପ୍ରଚାର ପ୍ରସାରକୁ ବ୍ୟାପକ କରିଛନ୍ତି ସମସ୍ତ ଦଳର ପ୍ରାର୍ଥୀ । ଶନିବାର ପ୍ରଚାରର ଶେଷ ଦିନ ଥିବାରୁ ବଳକା ରହିଥିବା ଅଞ୍ଚଳଗୁଡ଼ିକ ପରିଭ୍ରମଣ କରି ଭୋଟ ଭିକ୍ଷା କରୁଛନ୍ତି । ଆଉ କିଛି ପ୍ରାର୍ଥୀ ଶେଷ ଦିନରେ ଦମ ଦେଖାଇବାକୁ ମଧ୍ୟ ପ୍ରସ୍ତୁତ ହେଉଛନ୍ତି । ଚଳିତ ନିର୍ବାଚନରେ ପ୍ରଚାର ପ୍ରସାର ଏକ ପ୍ରମୁଖ ଭୂମିକା ସାଜିଥିବା ବେଳେ ଉଭୟ ସାମାଜିକ ଓ ସମାଜରେ ପ୍ରଚାରର ବ୍ୟାପକ ପ୍ରଭାବ ପଡୁଥିବା ଦେଖାଦେଇଛି । ଏଣୁ ଶେଷ ଦିନରେ ପ୍ରାର୍ଥୀମାନେ ଦମ ଦେଖାଇବାକୁ ପ୍ରସ୍ତୁତ ହେଉଛନ୍ତି । କିଛି ପ୍ରାର୍ଥୀ ବାଇକ ଶୋଭାଯାତ୍ରା କରି ପ୍ରଚାର ଅଭିଯାନକୁ ସମାପନ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ଆଉ କିଛି ପ୍ରାର୍ଥୀ ଏକ ବଡ଼ ଅଞ୍ଚଳରେ ଭୋଟ ଭିକ୍ଷା କରିବେ ବୋଲି ଜଣାଯାଇଛି । ଅନ୍ୟପକ୍ଷରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରଚାର ଅଭିଯାନ ବ୍ୟାପକ କରିଥିବା କିଛି ପ୍ରାର୍ଥୀ ଶୁକ୍ରବାର ସେମାନଙ୍କ ପ୍ରଚାର ଶେଷ କରିଥିବା ମଧ୍ୟ ଲକ୍ଷ୍ୟ କରାଯାଇଛି । ଏଣେ ଚଳିତ ନିର୍ବାଚନରେ ବିଜୁ ଜନତା ଦଳ ପ୍ରଚାରରେ ଆଗୁଆ ଥିବା ଲକ୍ଷ୍ୟ କରାଯାଇଛି । ବିଜେଡି ବିଧାୟକ ପ୍ରାର୍ଥୀ ଓ ସାଂସଦ ପ୍ରାର୍ଥୀମାନେ ଘରକୁ ଘର ବୁଲି ବିଜୁ ଜନତା ଦଳ ସପକ୍ଷରେ ମତ ରଖିବାକୁ କହିଛନ୍ତି । କିଛି ସ୍ଥାନରେ ସ୍ୱାଧିନ ପ୍ରାର୍ଥୀମାନେ ମଧ୍ୟ ପ୍ରଚାରକୁ ବ୍ୟାପକ କରିଛନ୍ତି । ସୂଚନା ପ୍ରକାରେ ବ୍ରହ୍ମପୁର ଲୋକସଭା ଅନ୍ତର୍ଗତ ବ୍ରହ୍ମପୁର, ଦିଗପହଣ୍ଡି, ଗୋପାଳପୁର, ଚିକିଟି, ଛତ୍ରପୁର, ପାରଳାଖେମୁଣ୍ଡି ଓ ମୋହନା ବିଧାନସଭା ଆସନରେ ୧୩ରେ ମତଦାନ ହେବ । ଏଥିଲାଗି ନେତା, ପ୍ରାର୍ଥୀ ଓ ଭୋଟର ସମସ୍ତେ ପ୍ରସ୍ତୁତ ହେଉଛନ୍ତି । ବ୍ରହ୍ମପୁର ଲୋକସଭାରେ ୧୫ ଲକ୍ଷ ୯୦ହଜାର ୬୯୫ଜଣ ଭୋଟର ରହିଥିବା ବେଳେ ଏମାନେ ଆସନ୍ତା ଦିନରେ ଏଠାକାର ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ।

# ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଛି ବିଜେପି



**ବ୍ରହ୍ମପୁର, ୧୦।୫(ସମିସ)**

- **ସରକାରୀ କାର୍ଯ୍ୟାଳୟରେ ଲାଗୁଛି ପ୍ରଚାରପତ୍ର, ଅଣଦେଖା କରୁଛି ପ୍ରଶାସନ?**
- **ଏକତରଫା କାର୍ଯ୍ୟାନୁଷ୍ଠାନ, ବୁଥ୍ ଏଜେଣ୍ଟଙ୍କୁ କିଣିବାକୁ ଚାଲିଛି ଉଦ୍ୟମ !**

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଶେଷ ପର୍ଯ୍ୟାୟରେ ପ୍ରଚାର । ୧୩ତାରିଖରେ ହେବାକୁ ଥିବା ଭୋଟ ଗ୍ରହଣ ପାଇଁ ଶନିବାର ସନ୍ଧ୍ୟାରେ ସରିବ ପ୍ରଚାର । ଭୋଟ ଗ୍ରହଣ ପୂର୍ବରୁ ଏହି ସମୟ ହେଉଛି ଘଡିସନ୍ଧି ମୁହୁର୍ତ୍ତ । ଘୋଡା ବେପାର ଭଳି କିଛି ବି ହୋଇପାରେ ଏହି ସମୟରେ । ତେବେ ପ୍ରଶାସନକୁ ଖୋଲାଖୋଲି ଚାଲେଞ୍ଜ ଦେବା ଭଳି କିଛି କାର୍ଯ୍ୟ କରୁଛି ବିଜେପି । ପ୍ରଶାସନ ପାଦେ ଆଗକୁ ଗଲେ ବିଜେପି ଦୁଇ ପାଦ ଆଗକୁ ଯାଇ କରୁଛି କାମ । ନିକଟରେ ବ୍ରହ୍ମପୁର ସହରରେ ବେନିୟମ ଦର୍ଶାଇ ପୋଷ୍ଟର ଓ ପ୍ରଚାର ପତ୍ର କାଢିବା କ୍ଷେତ୍ରରେ ବିଏମସି କର୍ତ୍ତୃପକ୍ଷ ପାତରଅନ୍ତର ନିତି ଅବଲମ୍ବନ କରୁଥିବା ଖୋଦ ବିଜେଡି ପକ୍ଷରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲା । ତେବେ ଏହାର କୌଣସି ଫଳ ମିଳିନଥିବା ଦେଖିବାକୁ ମିଳିଛି । ପୋଷ୍ଟର ଓ ଫ୍ଲେକ୍ସ ହଟାଇବା ନେଇ ବିଜେଡି ପକ୍ଷରୁ ଆଭିଯୋଗ କରାଯିବା ପରେ ବିଜେପି ଅଧିକ କ୍ରୀୟାଶୀଳ ହୋଇଥିବା ନଜରକୁ ଆସିଛି । ହେଲେ ପ୍ରଶାସନ ଓ ପର୍ଯ୍ୟବେକ୍ଷକ କୌଣସି ପଦକ୍ଷେପ ନନେଇ ଚୁପ ବସିଥିବା ଅଭିଯୋଗ ହୋଇଛି । ସହରରେ ବିଭିନ୍ନ ସ୍ଥାନରେ ପୋଷ୍ଟର ଓ ଫ୍ଲେକ୍ସ ସ୍ଥାନରେ ବର୍ତ୍ତମାନ ୱାଟର ଷ୍ଟିକରିଂ ଜରିଆରେ ପ୍ରଚାର କରାଯାଉଛି । ଯାହାକୁ ହଟାଇବା କଷ୍ଟକର ବ୍ୟାପାର । ଏଥିରେ ଚୂନ ଲଗାଇବାକୁ ପଡ଼ିବ ଅନ୍ୟଥା କାନ୍ଥକୁ ଖୋଳିବାକୁ ପଡ଼ିବ । ତେବେ ସରକାରୀ ପ୍ରାଚୀର କିମ୍ବା କାର୍ଯ୍ୟାଳୟରେ ଏଭଳି ପ୍ରଚାର ପାଇଁ ଉଦ୍ଦିଷ୍ଟ ଷ୍ଟିକରିଂ କରିବା ସମ୍ପୂର୍ଣ୍ଣ ଭାବେ ବେନିୟମ ଓ ଆଦର୍ଶ ନିର୍ବାଚନ ଆଚରଣ ବିଧିର ଖୋଲାଖୋଲି ଉଲଂଘନ । ତେବେ ସହରରେ ବିଭିନ୍ନ ସ୍ଥାନରେ ବିଜେଡି ପକ୍ଷରୁ ଲାଗିଥିବା ଏଭଳି ଷ୍ଟିକରିଂ ଉପରେ ପ୍ରଶାସନ ପକ୍ଷରୁ ଚୂନ ଲାଗାଯାଇଥିବା ବେଳେ ବିଜେପି ପକ୍ଷରୁ ଲାଗିଥିବା ଅନୁରୁପ ଷ୍ଟିକରିଂ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନି ପ୍ରଶାସନ । ଯାହା ଖୋଦ୍ ବ୍ରହ୍ମପୁର ଏସପିଙ୍କ ସରକାରୀ ବାସଭବନ ଓ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ସରକାରୀ ବାସଭବନ ପ୍ରାଚୀରରେ ଲାଗିଥିବା ପୋଷ୍ଟରରୁ ସ୍ପଷ୍ଟ ଜଣାପଡୁଛି । ନିର୍ବାଚନ ଆଚରଣ ବିଧି ଅନୁପାଳନରେ ବିଜେପି ଖୋଲାଖୋଲି ଉଲଂଘନ କରୁଥିବା ନେଇ ନିକଟରେ ରାଜ୍ୟ ବିଜେଡି ପକ୍ଷରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ତଥାପି କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଏଥିରୁ ସ୍ପଷ୍ଟ ଅନୁମେୟ ହେଉଛି । ଯାହା ଫଳରେ ବିଜେପି ନିର୍ବାଚନ ନେଇ ରହିଥିବା ଲକ୍ଷ୍ମଣ ରେଖାକୁ ଖୋଲାଖୋଲି ଉଲଂଘନ କରୁଥିବା ଦେଖିବାକୁ ମିଳୁଛି । ସେହିଭଳି ନିର୍ବାଚନ ସମ୍ଭାବ୍ୟ ଫଳାଫଳକୁ ନେଇ ହତାଶ ବିଜେପି ଏବେ ଘୋଡା ବେପାରକୁ ଆସିଯାଇଥିବା ଅଭିଯୋଗ ହୋଇଛି । ହାରିବା ଭୟରେ ବୁଥ ଏଜେଣ୍ଟଙ୍କୁ କିଣିବା ପାଇଁ ଆରମ୍ଭ କରିଦେଇଛି ପ୍ରକ୍ରିୟା । କିଛି ଅସାଧୁ କର୍ମଚାରୀଙ୍କ ଦ୍ୱାରା ବିଜୁ ଜନତା ଦଳର ପ୍ରାର୍ଥୀଙ୍କଠାରୁ ସେମାନଙ୍କ ଏଜେଣ୍ଟ ସମ୍ପର୍କିତ ତଥ୍ୟ ହାତେଇ ସେହି ତଥ୍ୟ ସଂଗ୍ରହ କରିବା ସହ ବୁଥ ଏଜେଣ୍ଟଙ୍କୁ କିଣିବାର ଅପଚେଷ୍ଟା କରୁଛି ବିଜେପି । ଏହା ଦ୍ୱାରା ବୁଥ୍ ରିଗିଂ, ଟ୍ୟାମ୍ପରିଂ ଓ କ୍ୟାପଚର ଭଳି ସମସ୍ୟା ଉପୁଜିବାର ସମ୍ଭାବନା ଦେଖାଦେଇଛି ।

# ବିଜେଡି ନିର୍ବାଚନ ଇସ୍ତାହାର; ଖୁସିରେ ନାଚିଲେ ଜନସାଧାରଣ



**ବ୍ରହ୍ମପୁର,୧୦।୫(ସମିସ):** ବିଜେଡି ପକ୍ଷରୁ ନିର୍ବାଚନ ଇସ୍ତାହାର ଘୋଷଣକୁ ନେଇ ଗଞ୍ଜାମ ଜିଲ୍ଲା ଯୁବ, ଛାତ୍ର ଓ ମହିଳା ମହିଳା ତରଫରୁ ସ୍ଥାନୀୟ ଇଞ୍ଜିନିୟରିଂ ସ୍କୁଲ ଛକ ଓ ଖଲ୍ଲିକୋଟ କଲେଜ ଠାରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ୍ ଜଣାଇବା ସହ ଏକ ଶୋଭାଯାତ୍ରା କରାଯାଇଥିଲା । ଏଥିରେ ବାଜା ଓ ବାଣ ଫୁଟାଇ ଖୁସିରେ ନାଚିଛନ୍ତି ଯୁବ ଓ ଛାତ୍ର ଜନତା ଦଳର କର୍ମକର୍ତ୍ତା । ରାଜ୍ୟସରକାରଙ୍କ ଏହି ଭଳି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ଛାତ୍ରଛାତ୍ରୀ ସହ ବିଜୁ ଜନତା ଦଳର ନେତା କର୍ମୀ ଓ ମହିଳା । ବିଶେଷ କରି ଦଳ ଫୋକସରେ ଅଛନ୍ତି ଯୁବ ଭୋଟର ଓ ମଧ୍ୟବିତ୍ତ ବର୍ଗର ଲୋକ । ରାଜ୍ୟରେ ଦୁଇ ଲକ୍ଷ୍ୟ ଚାକିରି ଦେବା ପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି ଏଥିରେ ଯୁବ ବର୍ଗ ଖୁସିରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି । ଯାହା କେନ୍ଦ୍ର ସରକାରଙ୍କ ଦ୍ୱାରା ହେଉନଥିଲା ସେଇ ଟା ରାଜ୍ୟସରକାରଙ୍କ ଦ୍ୱାରା ହୋଇଛି ଏବଂ ଏଥିରେ ଓଡ଼ିଶା ବାସି ଖୁସିରେ ଜାହିର ହେଇଛନ୍ତି । ରାଜ୍ୟସରକାର ୧୦୦ ୟୁନିଟ୍ ବିଦ୍ୟୁତ୍ ଫ୍ରି କରାଯିବ ବୋଲି ଇସ୍ତାହାରରେ ଲେଖା ଯାଇଛି । ଏଥିରେ ମହିଳା ମାନଙ୍କ ପାଇଁ ବିନା ସୁଧରେ ଋଣ ଦିଆଯିବ କୁହାଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୁବ ପିଢ଼ିଙ୍କ ପାଇଁ ନିର୍ବାଚନୀ ଇସ୍ତାହାରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି ।

## ଇନରହ୍ୱିଲ୍ କ୍ଲବ୍ ଅଫ୍ ବ୍ରହ୍ମପୁର ଇଷ୍ଟ ପକ୍ଷରୁ ଚହ୍ଲା ବଣ୍ଟନ




**ବ୍ରହ୍ମପୁର, ୧୦।୫(ସମିସ):** ଇନରୱିଲ କ୍ଲବ ଅଫ୍ ବ୍ରହ୍ମପୁର ଇଷ୍ଟ ପକ୍ଷରୁ ଏମକେସିଜି ମେଡିକାଲ ପରିସରରେ ଚହ୍ଲା ବଣ୍ଟନ କରାଯାଇଥିଲା । ଗ୍ରୀଷ୍ମ ପ୍ରବାହ ବୃଦ୍ଧି ହୋଇଥିବା ବେଳେ ମେଡିକାଲ୍ ବିଭିନ୍ନ ସ୍ଥାନରେ ହଜାର ହଜାର ରୋଗୀ ଓ ସମ୍ପର୍କୀୟ ଆସିଥାନ୍ତି । ଏହାକୁ ଦୃଷ୍ଟିରେ ରଖି କ୍ଲବ ପକ୍ଷରୁ ଚଳା ବଣ୍ଟନ କରାଯାଇଥିଲା । ଏଥିରେ କ୍ଲବର୍ ସଭାପତି ସଂଯୁକ୍ତା ପାଣିଗ୍ରାହୀ, ପୂର୍ବତନ ସଭାପତି ଅମିତା ରାଉଳ, ଅରୁନିମା ଦାଶ, ଉପଦେଷ୍ଟା ରୋଟରୀୟନ୍ ଗଦାଧର ରାଉଳ, ସଦସ୍ୟ ଅଳକା ସାହୁ, ରୋଟରୀୟନ ପ୍ରଶାନ୍ତ କୁମାର ଚୌଧୁରୀ, ଦେବେନ୍ଦ୍ର କୁମାର ଦାଶଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ପରମ୍ପରାରେ ସୀମିତ ଅଖିମୁଠି

# ମୌସୁମୀ ଆସିଲେ ପଡ଼ିବ ବିହନ

**ବ୍ରହ୍ମପୁର, ୧୦।୫(ସମିସ)**



ଗଞ୍ଜାମ ଜିଲ୍ଲାରେ ଅକ୍ଷୟ ତୃତୀୟାରେ ଅଖି ମୁଠି କେବଳ ପରମ୍ପରାରେ ସୀମିତ ରହୁଛି । ମୌସୁମି ଆସିବା ମାତ୍ରେ ଏଠାରେ ବିହନ ବୁଣାଯାଉଛି । ଏଣୁ ପରମ୍ପରା ବଞ୍ଚାଇବା ଲାଗି ଚାଷୀକୂଳ ସଦା ବେଳେ ଏହି ଦିନର ମହତ୍ତ୍ୱ ଓ ପୂଜା ପଦ୍ଧତିକୁ ଗୁରୁତ୍ୱ ଦେଇ ଆସୁଛନ୍ତି । ସାମ୍ପ୍ରତି ସମୟରେ ସମାଜରେ ପରମ୍ପରା ଏକ ଅଙ୍ଗ । ବୈଦିକ ରୀତିରୁ ରହିଆସିଥିବା ପରମ୍ପରାକୁ ଆଜି ବି ମଣିଷ ସମାଜ ଅନୁକରଣ କରୁଛି । ସେଥି ମଧ୍ୟରୁ ଅକ୍ଷୟ ତୃତୀୟା ଅନ୍ୟତମ । ବୈଶାଖ ଶୁକ୍ଳ ତୃତୀୟା ଦିନଟି ଅକ୍ଷୟ ତୃତୀୟା ଭାବେ ପରିଚିତ । ଏହି ଦିନଟି କୃଷକମାନଙ୍କର ଦିନ ବୋଲି କୁହାଯାଏ । କାରଣ କୃଷକ ଏହିଦିନ ଅମୃତ ବେଳାରେ ଅକ୍ଷି ମୁଠି ବା ଅକ୍ଷୟମୁଠି ଅନୁକୂଳ କରି କୃଷି କାର୍ଯ୍ୟର ଶୁଭାରମ୍ଭ କରିଥାଏ । ଅକ୍ଷୟ ତୃତୀୟାକୁ ସାରା ଦେଶରେ କୃଷି କ୍ଷେତ୍ରରେ ଅନୁକୂଳର ଦିନ ବୋଲି ଧରାଯାଇଛି । ଏହି ଦିନରେ କୃଷି କାମ ଆରମ୍ଭ କଲେ ସଫଳ ହୋଇଥାଏ ବୋଲି ସମସ୍ତଙ୍କ ମନରେ ବିଶ୍ୱାସ ମଧ୍ୟ ରହିଛି । ଚାଷୀ ବହୁଳ ଗଞ୍ଜାମ ଜିଲ୍ଲାରେ ପରମ୍ପରା ବଞ୍ଚାଇବା ଆଳରେ କାଁ ଭାଁ କିଛି ସ୍ଥାନରେ ଅକ୍ଷି ମୁଠି ବୁଣାଯାଇଛି । କୃଷି ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ସାଧାରଣତଃ ମୌସୁମୀ ଆସିଲେ ଜିଲ୍ଲାରେ ମଞ୍ଜି ବୁଣାଯାଇଥାଏ । ପରମ୍ପରା ପାଇଁ ଜିଲ୍ଲାର କିଛି ବ୍ଲକରେ ପୂଜାର୍ଚ୍ଚନା କରାଯାଇଛି । ଏକ ଆକଳନ ଅନୁଯାୟୀ ଜିଲ୍ଲାର ଅନେକ ସ୍ଥାନରେ ଜମିକୁ ଜଳସେଚନର ପର୍ଯ୍ୟାପ୍ତ ସୁବିଧା ନଥିବା ବେଳେ ବର୍ଷା ଉପରେ ନିର୍ଭର କରିବାକୁ ହୁଏ । ତେଣୁ ଅକ୍ଷି ତୃତୀୟା ଦିନ କେଳବ ପୂଜାରେ ସୀମିତ ରହିଯାଏ ଧାନ ବୁଣା । ପରମ୍ପରା ଅନୁଯାୟୀ ଚାଷୀ ନିଜ ସ୍ତ୍ରୀଠାରୁ ହଳଦୀ, ଚନ୍ଦନ, ସିନ୍ଦୂର ବୋଳା ଧାନ ବିହନପୂର୍ଣ୍ଣ ନୂଆ ଗଉଣିକୁ ଶଙ୍ଖ ହୁଳହୁଳି ମଧ୍ୟରେ ମୁଣ୍ଡରେ ଥୋଇ ଏକ ନୂତନ ଗୁଲିରେ ପିଠା ନେଇ ହଳ ଲଙ୍ଗଳ ଧରି କ୍ଷେତକୁ ଯାଇଥାଏ । ସେଠାରେ ଲକ୍ଷ୍ମୀ ଠାକୁରାଣୀଙ୍କୁ ଭୋଗଦେଇ ଉକ୍ତ ନୈବେଦ୍ୟ କିଆରୀର ଈଶାଣ କୋଣରେ ପୋତି ହଳ ବୁଲାଏ ।

ପୂଜା ସରିବା ପରେ ମୁଠା ମୁଠା ବିହନ କିଆରୀରେ ବୁଣିଥାଏ । ଯାହାକୁ ସାଧାରଣରେ ଅକ୍ଷିମୁଠି ବୋଲି କୁହନ୍ତି । ଘରର ଗୃହିଣୀ ମାନେ ଏହି ଦିନରେ 'ଷଠିଦେବୀ'ଙ୍କ ପୂଜା କରିବାର ନଜିର ମଧ୍ୟ ରହିଛି । ସେହିଭଳି ବୈଦିକ ଋଷିମାନେ ଅକ୍ଷୟ ଶସ୍ୟ ପ୍ରଦାନ କରିବା କାମନାରେ ସୀତାଙ୍କୁ ସ୍ତୁତି କରିଥାନ୍ତି । ଆଗ୍ନେୟ ପୁରାଣ, ବିଷ୍ଣୁ ଧର୍ମୋତ୍ତର ପୁରାଣ ଓ ଭବିଷ୍ୟ ପୁରାଣାଦିରେ ଅକ୍ଷୟ ତୃତୀୟାକୁ ଗୋଟିଏ ପ୍ରଶସ୍ତ ଶୁଭଦିନ ରୂପେ ବର୍ଣ୍ଣନା କରାଯାଉଛି । ଜିଲ୍ଲାରେ ଯଦି ଜଳସେଚନର ଭିତ୍ତିଭୂମିକୁ ସୁଦୃଢ଼ କରାଯାଏ ତେବେ ଅକ୍ଷି ମଠି ପରମ୍ପରା କେବଳ ପୂଜା ପଦ୍ଧତିରେ ସୀମିତ ନରହି ବାସ୍ତବରେ କାର୍ଯ୍ୟକାରୀ ହେବ ।

# କୃଷି ବିଜ୍ଞାନ କେନ୍ଦ୍ରରେ ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ଉତ୍ସବ

**ବ୍ରହ୍ମପୁର, ୧୦।୫(ସମିସ)**






ଗୋଳନ୍ଥରା ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ଉତ୍ସବ ପାଳିତ ହୋଇଯାଇଛି । କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବରିଷ୍ଠ ବୈଜ୍ଞାନିକ ଡ଼ ସୁଜିତ କୁମାର ନାଥ ପାରମ୍ପରିକ ଭାବେ ଅଖିମୁଠି ଉଦଘାଟନ କରିଥିଲେ । ଏ ଅବସରରେ ଜିଲ୍ଲାର କୃଷି ପଶୁପାଳନ, ମତ୍ସ୍ୟ ସମ୍ପଦ, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ ବିଭାଗର କ୍ଷେତ୍ର କର୍ମଚାରୀଙ୍କୁ ନେଇ ଆୟୋଜିତ ସଭାରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁବ୍ରତ ସାହୁ ସଭାପତିତ୍ୱ କରିଥିଲେ । ଗଞ୍ଜାମ ଜିଲ୍ଲାରେ କୃଷି କାର୍ଯ୍ୟକୁ ରୋଜଗାର ଆଭିମୁଖ୍ୟ କରିବା ପାଇଁ ଏହି ଦିବସର ତାତ୍ପର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା । ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ ଡ଼ କନ୍ଦ ଜେନା ସରକାରୀ ଯୋଜନାରେ ଫଳଗଛ ରୋପଣ ପାଇଁ ଏ ସମୟରେ ସୁବିନିଯୋଗ କରିବା ଲାଗି ପରାମର୍ଶ ଦେଇଥିଲେ । ଜିଲ୍ଲା ଜଳଛାୟା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ଶୁଭେନ୍ଦୁ କୁମାର ଦାସ ବୃଷ୍ଟିଛାୟା ଅଞ୍ଚଳ ପାଇଁ ସରକାର ଆରମ୍ଭ କରିଥିବା ଯୋଜନାକୁ କପରି କାର୍ଯ୍ୟକାରି କରାଯିବ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଉପଖଣ୍ଡ ପଶୁ ଚିକିତ୍ସା ଅଧିକାରୀ ଡ଼ ଅରବିନ୍ଦ ବେହେରା ପଶୁପାଳନକୁ ଫସଲ ଚାଷ ସହ ମିଶାଇଲେ କୃଷି ପରିବାର ଉନ୍ନତ ହେବ ବୋଲି କହିଥିଲେ । ଜିଲ୍ଲା ଜିଲ୍ଲା ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକ ଅକ୍ଷୟ ତୃତୀୟା ଦିବସର କୃଷି ସହ ସଂଯୋଗ ବିଷୟରେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସହକାରୀ କୃଷି ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାଥ ଓ କୃଷି ବୈଜ୍ଞାନିକ ସନ୍ଦୀପ ମହାନ୍ତି ସହଯୋଗ କରିଥିଲେ ।

# ଘରକୁ ଘର ବୁଲି ନବୀନ ଗ୍ୟାରେଣ୍ଟି ପ୍ରଚାର





**ପାରଳାଖେମୁଣ୍ଡି, ୧୦।୫(ସମିସ)**

ନିର୍ବାଚନ ନିମନ୍ତେ ବିଜେଡିର ନିର୍ବାଚନ ଇସ୍ତାହାର ନବୀନ ଗ୍ୟାରେଣ୍ଟି ଇସ୍ତାହାର ପ୍ରକାଶିତ ହୋଇଛି। ଏହି ଇସ୍ତାହାରରେ ଉଲ୍ଲେଖ ରହିଥିବା ନବୀନ ଗ୍ୟାରେଣ୍ଟି ସମ୍ପର୍କିତ ଘୋଷଣା ଗୁଡିକୁ ଗଜପତି ଜିଲ୍ଲା ଗୋଷାଣି ବ୍ଲକ ବାଘଶଳା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଘରକୁ ଘର ବୁଲି ସଚେତନତା କରାଯାଇଛି। ମିଶନ ଶକ୍ତି ମା'ଙ୍କୁ ପେନସନ୍ ଓ ବିଏସକେୱାଇ ସେବା, କୃଷକଙ୍କୁ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଫସଲ ଋଣ, ୯୦ ପ୍ରତିଶତ ପରିବାରଙ୍କୁ ମାଗଣା ବିଜୁଳି ସେବା, ଗ୍ରାମୀଣ ଗୃହ ଯୋଜନାରେ ୧୦ଲକ୍ଷ ଘର, ମଧ୍ୟବିତ୍ତଙ୍କୁ ବିଏସକେୱାଇ କାର୍ଡ, ବିଏସକେୱାଇ ନବୀନ କାର୍ଡରେ ସମସ୍ତ ବର୍ଗ ସାମିଲ ହେବା ଆଦି ଇସ୍ତାହାର ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଛି। ବାଘଶଳା ସରପଞ୍ଚ ଟି.ଭୀମାରାଜୁଙ୍କ ନେତୃତ୍ୱରେ କେ.ଶେଷଗିରି ରାଓ, ହେମନ୍ତ ପ୍ରଧାନ, ୱାଇ.ଈଶ୍ୱର ରାଓ, ବି. ପ୍ରସାଦ ରାଓ, ଏମ୍.ତିରୁପତି ରାଓ, ବି.ଯୁଗନ୍ଧର, କେ. କ୍ରିଷ୍ଣା ରାଓ, ଜିଡି ନାଇଡୁ, ସୁଶାନ୍ତ ବିଶ୍ୱାଳ, ବିସ୍ତୋ ପ୍ରଧାନ ପ୍ରମୁଖ ବିଜେଡି ନେତା ଓ କର୍ମୀ ଘରକୁ ଘର ବୁଲି ବିଜେଡି ଇସ୍ତାହାର ତଥା ନବୀନ ଗ୍ୟାରେଣ୍ଟି ପ୍ରକାଶିତ ଘୋଷଣା ସମ୍ପର୍କରେ କହିଥିଲେ। ଏହା ସହ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଇଂ.ରୂପେଶ ପାଣିଗ୍ରାହୀଙ୍କ ସପକ୍ଷରେ ଭୋଟ ଦେବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ।

## ବିଜେଡି ନିର୍ବାଚନ ଇସ୍ତାହାରର ପ୍ରଭାବ

# ବିଜେଡିରେ ମିଶିଲେ ଶତାଧିକ ପରିବାର



**ବାଲିଗୁଡା, ୧୦।୫(ସମିସ):** ବିଜେଡିର ନିର୍ବାଚନ ଇସ୍ତାହାର ଘୋଷଣା ପରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ନିର୍ବାଚନମଣ୍ଡଳୀରେ ବଡ ପ୍ରଭାବ ପଡ଼ିବା ଦେଖିବାକୁ ମିଳିଛି। ବାଲିଗୁଡା ନିର୍ବାଚନମଣ୍ଡଳୀ ସଂଯୋଜକ ଟୁନା ଦାସଙ୍କ ନେତୃତ୍ୱରେ ମା' ବରାଳ ଦେବୀଙ୍କ ପୀଠରେ କୋଟଗଡ଼ ବ୍ଲକ ଦୁର୍ଗାପାଙ୍ଗା ପଞ୍ଚାୟତର ବଣ୍ଡା ପିପିଲି ଗ୍ରାମର ବହୁ ପରିବାର ବିଜେପି, କଂଗ୍ରେସ, ଆପ ଦଳ ଛାଡି ବିଜେଡିରେ ଯୋଗଦାନ କରିଛନ୍ତି। ଅନ୍ୟପଟରେ ବାଲିଗୁଡ଼ା ନଗର ଉପସଭାପତି ଭୀମସେନ ବିଦ୍ଧାଣି କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନା ଓ ଆଦର୍ଶରେ ଅନୁପ୍ରାଣୀତ ହୋଇ ବିଜେଡିରେ ଯୋଗଦେଇଛୁ ଏବଂ ଆଗକୁ ଦଳ ଯାହା ଦାୟିତ୍ୱ ଦେବ ତାହା ସୁଚାରୁରୂପେ ତୁଲାଇବୁ ବୋଲି କହିଛନ୍ତି ଯୁବ ଗୋଷ୍ଠୀ। ସେପଟେ ଏ ହେଉଛି ନବୀନ ଗ୍ୟାରେଣ୍ଟି ଓ ୫-ଟି ଗ୍ୟାରେଣ୍ଟି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ଭଲପାଇବା ଏହାର ପ୍ରମାଣ। ଆଗାମୀ ଦିନରେ ବାଲିଗୁଡ଼ା ନିର୍ବାଚନମଣ୍ଡଳୀ ଆହୁରି ସୁଦୃଢ଼ ହେବ ଏବଂ ସାଂସଦ ପ୍ରାର୍ଥୀ ଡ.ଅଚ୍ୟୁତ ସାମନ୍ତ ଓ ବିଧାୟକ ପ୍ରାର୍ଥୀ ଚକ୍ରମଣୀ କହଁର ବିପୁଳ ସଂଖ୍ୟାରେ ଭୋଟ୍ ବ୍ୟବଧାନରେ ବିଜୟୀ ହେବେ ବୋଲି ବାଲିଗୁଡ଼ା ନିର୍ବାଚନମଣ୍ଡଳୀ ସଂଯୋଜକ ଟୁନା ଦାସ ଓ ପର୍ଯ୍ୟବେକ୍ଷକ ଅଜୟ ମହାରଣା କହିଛନ୍ତି।

# ଯୁବ ଭୋଟରଙ୍କୁ ଭେଟୁଛନ୍ତି ବିଧାୟକ ପ୍ରାର୍ଥୀଙ୍କ ପତ୍ନୀ



**ପାରଳାଖେମୁଣ୍ଡି, ୧୦।୫(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକରେ ବିଜେଡିର ଜୋରଦାର ପ୍ରଚାର ଜାରି ରହିଛି। ଆଉ ଗୋଟିଏ ଦିନ ପ୍ରଚାର ହେବାକୁ ଥିବା ବେଳେ ପାରଳାଖେମୁଣ୍ଡି ବିଜେଡି ବିଧାୟକ ପ୍ରାର୍ଥୀ ଇଂ.ରୂପେଶ ପାଣିଗ୍ରାହୀଙ୍କ ପତ୍ନୀ ମଧୁସ୍ମିତା ପାଣିଗ୍ରାହୀ ପତିଙ୍କ ବିଜୟ ଲାଗି ଅଣ୍ଟା ଭିଡିଛନ୍ତି। ତାଙ୍କ ସହ ବିଧାୟକ ପ୍ରାର୍ଥୀ ଶ୍ରୀ ପାଣିଗ୍ରାହୀ ଓ ପରିବାରର ଅନ୍ୟମାନେ ପ୍ରଚାର କରୁଛନ୍ତି। ଘରକୁ ଘର ଯାଇ ବିଜେଡି ସୁପ୍ରିମୋ ନବୀନ ପଟ୍ଟାୟକଙ୍କ ହାତମୁଠାକୁ ଆହୁରି ସଶକ୍ତ କରିବା ଲାଗି ବିଧାୟକ ପ୍ରାର୍ଥୀ ଏବଂ ସାଂସଦ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ନିବେଦନ କରୁଛନ୍ତି। ଏହି ପରୀପ୍ରେକ୍ଷୀରେ ଯୁବ ଭୋଟରଙ୍କୁ ମତ ସାବ୍ୟସ୍ତ କରିବା ପାଇଁ କହୁଛନ୍ତି। ଯୁବ ଭୋଟର ଜଣେ ପ୍ରାର୍ଥୀଙ୍କ ପତ୍ନୀ ଭେଟୁଥିବାକୁ ନେଇ ବେଶ ଉତ୍ସାହିତ ଅଛନ୍ତି। ପ୍ରଥମ ଥର ପାଇଁ ମତସାବ୍ୟସ୍ତ କରିବୁ, ଏଥିନେଇ ବେଶ ଉତ୍ସାହିତ ଅଛୁ ବୋଲି ଜଙ୍ଗଲପାଡୁ ଗ୍ରାମର ଯୁବ ଭୋଟର ମାମାଲି ନାୟକ କହିଛନ୍ତି। ଗ୍ରାମାଞ୍ଚଳର ଯୁବ ଭୋଟର ତଥା ପ୍ରଥମ ଥର ଲାଗି ଭୋଟ ଦେବାପାଇଁ ତାଲିକାଭୁକ୍ତ ହୋଇଥିବା ଯୁବଗୋଷ୍ଠୀ ବେଶ ଉତ୍ସାହିତ ଥିବା ଦେଖାଯାଉଛି।

## ବିଜେଡିର ମାରାଥନ ପ୍ରଚାର

# ରତୁଙ୍ଗିଆରେ କର୍ମୀ ସମ୍ମିଳନୀ



**ବାଲିଗୁଡା, ୧୦।୫(ସମିସ):** ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ଓ ବିଧାୟକ ପ୍ରାର୍ଥୀଙ୍କୁ ପୁଣି ଥରେ ନିର୍ବାଚିତ କରି ବିଧାନସଭାକୁ ପଠାଇବା ପାଇଁ ବାଲିଗୁଡ଼ା ନିର୍ବାଚନମଣ୍ଡଳୀ ସଂଯୋଜକ ଟୁନା ଦାସ ମାରାଥନ ପ୍ରଚାରରେ ଲାଗିପଡ଼ିଛନ୍ତି। ଶୁକ୍ରବାର କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ଅନ୍ତର୍ଗତ ରତୁଙ୍ଗିଆ ଗ୍ରାମରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀର ସଂଯୋଜକ ଶ୍ରୀ ଦାସ, ବିଧାୟକ ପ୍ରାର୍ଥୀ ଚକ୍ରମଣି କହଁରଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହ ଶୋଭାଯାତ୍ରା ବାହାର କରାଯାଇ ଗ୍ରାମର ଅଧିଷ୍ଠିତ ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରି ସଭାସ୍ଥଳୀ ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା। ଏହି ସମ୍ମିଳନୀରେ ସାଧାରଣ ନିର୍ବାଚନ ପାଇଁ ରଣ ନୀତି ପ୍ରସ୍ତୁତ କରାଯିବା ସହ ସଂଯୋଜକ ଓ ବିଧାୟକ ପ୍ରାର୍ଥୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଯୋଜନା ଓ ନିର୍ବାଚନ ଇସ୍ତାହାର ବିଷୟରେ ଆଲୋଚନା କରିଥିଲେ। ନିର୍ବାଚନ ଇସ୍ତାହାର ସମ୍ପର୍କରେ ଅବଗତ ହେବା ପରେ ଗ୍ରାମବାସୀଙ୍କ ଭିତରେ ଖୁସିର ଲହରୀ ଖେଳିଯାଇଥିଲା। ଏହା ପରେ ଆସନ୍ତା ମେ ୨୦ତାରିଖରେ ହେବାକୁ ଥିବା ସଧାରଣ ନିର୍ବାଚନରେ ଯୋଡ଼ି ଶଙ୍ଖରେ ଭୋଟ ଦେବା ପାଇଁ ଅନୁରୋଧ କରିବା ସହ ଆଶିର୍ବାଦ କୃପା ଲାଭ କରିଥିଲେ ବିଧାୟକ ପ୍ରାର୍ଥୀ ଶ୍ରୀ କହଁର। ଶହ ଶହ ଗ୍ରାମବାସୀଙ୍କ ସହଯୋଗ ଓ ଭଲପାଇବା ଦେଖୀ ଆଗମୀ ସଧାରଣ ନିର୍ବାଚନରେ ଆମେ ନିଶ୍ଚିତ ବିଜୟ ଲାଭ କରିବୁ ବୋଲି କହିଥିଲେ ସଂଯୋଜକ। ଏହି କର୍ମୀ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବାଲିଗୁଡା ନିର୍ବାଚନମଣ୍ଡଳୀ ସଂଯୋଜକ ଅଜୟ ମହାରଣା, ଅଭିଷେକ ଦିଗାଲ ଓ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବିଜେଡି ନିର୍ବାଚନୀ ଇସ୍ତାହାରକୁ ସ୍ୱାଗତ

**ବାଲିଗୁଡା, ୧୦।୫(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡିର ନିର୍ବାଚନୀ ଇସ୍ତାହାର ଘୋଷଣା କରିଛନ୍ତି। ଇସ୍ତାହାର ଘୋଷଣା ପରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ନିର୍ବାଚନମଣ୍ଡଳୀରେ ଖୁସିର ବାତାବରଣ ସୃଷ୍ଟି ହୋଇଛି। ବିଜେଡି କର୍ମୀ ଓ ନେତା ଆତସବାଜି ଫୁଟାଇ, ପରସ୍ପରକୁ ମିଠା ଖୁଆଇ ଜୟ ବିଜେଡି ସ୍ଲୋଗାନ ଦେଇ ଖୁସିରେ ଉତ୍ସବ ପାଳନ କରିଛନ୍ତି। ଏହା ଏକ ଐତିହାସିକ ଇସ୍ତାହାର। ଏଭଳି ଇସ୍ତାହାର କେବେ କେଉଁ ସରକାର ଘୋଷଣା କରି ନ ଥିଲେ କିମ୍ବା କରି ମଧ୍ୟ ପାରିବେ ନାହିଁ। ଏ ହେଉଛି ନବୀନ ସରକାରଙ୍କ ଗ୍ୟାରେଣ୍ଟି ଓ ୫ଟି ଗ୍ୟାରେଣ୍ଟି। ଏହି ଇସ୍ତାହାରକୁ ଆମ ମୁଖ୍ୟ ପ୍ରସଙ୍ଗ କରି ଜନତା ଜନାର୍ଦ୍ଦନଙ୍କ ପାଖକୁ ଯିବୁ ଏବଂ ଆମକୁ ସଫଳତା ନିଶ୍ଚୟ ମିଳିବ। ଏଥିସହିତ ଦଳର ବିଧାୟକ ପ୍ରାର୍ଥୀ ଓ ସାଂସଦ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ୍ ବ୍ୟବଧାନରେ ବିଜୟୀ କରାଇବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ପୁଣି ଥରେ ମୁଖ୍ୟମନ୍ତ୍ରୀ କରାଇବା ପାଇଁ ଆମେ ସଙ୍କଳ୍ପବଦ୍ଧ ବୋଲି ବାଲିଗୁଡ଼ା ନିର୍ବାଚନମଣ୍ଡଳୀ ସଂଯୋଜକ ଟୁନା ଦାସ, ପର୍ଯ୍ୟବେକ୍ଷକ ଅଜୟ ମହାରଣା ଓ ବିଧାୟକ ପ୍ରାର୍ଥୀ ଚକ୍ରମଣୀ କହଁର କହିଛନ୍ତି।



# ଅକ୍ଷୟ ତୃତୀୟାରେ ରଥ ଅଖ ପୂଜା



**ପାରଳାଖେମୁଣ୍ଡି, ୧୦।୫(ସମିସ):** ପାରଳାଖେମୁଣ୍ଡି ଜଗନ୍ନାଥ ମନ୍ଦିର ପରିସରରେ ପବିତ୍ର ଅକ୍ଷୟ ତୃତୀୟାର କାର୍ଯ୍ୟକ୍ରମକୁ ପାରଳା ରାଜମାତା ସୁଶ୍ରୀ କଲ୍ୟାଣୀ ଗଜପତିଙ୍କ ନିର୍ଦ୍ଦେଶନାମା ଅନୁସାରେ ଠାକୁରଙ୍କ ନୀତିକାନ୍ତି ଅନୁଯାୟୀ ରଥ ଅଖ ପୂଜା ହୋଇଥିଲା। ଓଡ଼ିଶାର ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ପାରଳା ଗଜପତିଙ୍କ ରାଜକାର୍ଯ୍ୟ ନୀତିରେ ମହାପ୍ରଭୁଙ୍କ ଶ୍ରୀ ଗୁଣ୍ଡିଚା ଯାତ୍ରା ପାଇଁ ରଥ କାର୍ଯ୍ୟ ମହାପ୍ରଭୁ ଜଗନ୍ନାଥଙ୍କ ଅଜ୍ଞାମାଳ ଆସି ସମସ୍ତ ନୀତିକାନ୍ତି ଅନୁଯାୟୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥ ମନ୍ଦିର ପୂଜକ ଓ ରଥ କାରୀଗରଙ୍କ ଦ୍ୱାରା ପୂଜା ଅର୍ଚ୍ଚନା କରାଯାଇଥିବା ବେଳେ ରଥଯାତ୍ରା କମିଟି ସଦସ୍ୟଙ୍କ ପକ୍ଷରୁ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଏହା ସହ ଆଜିର ଏହି ପବିତ୍ର ଦିନରେ ତିନି ଠାକୁରଙ୍କୁ ଦର୍ଶନ କରିବା ଲାଗି ମନ୍ଦିରରେ ପ୍ରବଳ ଭିଡ ଜମିଥିଲା।

## ● ଜି.ଉଦୟଗିରି ବିଧାନସଭା ଆସନ ପାଇଁ ମଇଦାନରେ ୮ ପ୍ରାର୍ଥୀ

# ୩ ଦଳର ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ମୁକାବିଲା

**ଜି.ଉଦୟଗିରି,୧୦।୫(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବିଧାନସଭା କ୍ଷେତ୍ରରେ ଆସନ୍ତା ୨୦ ତାରିଖ ଦିନ ମତଦାନ ହେବ। ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପରେ ୮ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ରହିଛନ୍ତି। ମୁଖ୍ୟତଃ ବିଜୁ ଜନତା ଦଳ, କଂଗ୍ରେସ ଓ ବିଜେପି ପ୍ରାର୍ଥୀଙ୍କ ମଧ୍ୟରେ କଡା ମୁକାବିଲା ହେଉଛି। ବିଜୁ ଜନତା ଦଳର ପ୍ରାର୍ଥୀ ଭାବେ ବର୍ତ୍ତମାନର ବିଧାୟକ ସାଲୁଗା ପ୍ରଧାନ, କଂଗ୍ରେସ ପ୍ରାର୍ଥୀ ଭାବେ ପୁରୁଖା କଂଗ୍ରେସ ନେତା ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଓ ବିଜେପି ପ୍ରାର୍ଥୀ ଭାବେ ମାନଗୋବିନ୍ଦ ପ୍ରଧାନ ରହିଛନ୍ତି। ସେପରି ଆମ ଆଦମୀ ପାର୍ଟିର ଯୌବନ ମଲ୍ଲିକ, ବହୁଜନ ମୁକ୍ତି ପାର୍ଟି ତରଫରୁ ପ୍ରଦୀପ କୁମାର କହଁର, ନେସନାଲ ଆପନି ପାର୍ଟିରୁ ପ୍ରଦୀପ ପ୍ରଧାନ, ମାନସ ଲୋକସକ୍ତି ଦଳରୁ ସିରେଲ ପ୍ରଧାନ ଓ କଳିଙ୍ଗ ସେନାରୁ ସଞ୍ଜୟ କୁମାର ପ୍ରଧାନ ପ୍ରାର୍ଥୀ ହୋଇଛନ୍ତି। ୧୯୮୦ ଠାରୁ ୧୯୯୫ ପର୍ଯ୍ୟନ୍ତ ଏହି ଆସନରେ କଂଗ୍ରେସ ପ୍ରାର୍ଥୀ ନାଗାର୍ଜୁନ ପ୍ରଧାନ ଜିତି ଆସୁଥିଲେ। ଯାହାକି କଂଗ୍ରେସର ଦୁର୍ଗ ଭାବେ ପରିଚିତ ଥିଲା। ୨୦୦୦ ମସିହାରେ ସାଲୁଗା ପ୍ରଧାନ ପ୍ରଥମେ ବିଜୁ ଜନତା ଦଳ ଟିକେଟରେ ବିଜୟ ଲାଭ କରିଥିଲେ। ୨୦୦୪ରେ ପୁଣି କଂଗ୍ରେସର ଅଜୟନ୍ତି ପ୍ରଧାନ ନିର୍ବାଚନ ଜିତିଥିବା ବେଳେ ୨୦୦୯ ରେ ପ୍ରଥମ ଥର ଏହି ଆସନ ବିଜେପି ଖାତାକୁ ଯାଇଥିଲା ଓ ମନୋଜ କୁମାର ପ୍ରଧାନ ବିଜେପି ଟିକଟରେ ଜିତିଥିଲେ। ୨୦୧୪ ରେ ପୁଣି କଂଗ୍ରେସ ପ୍ରାର୍ଥୀ ଯାକବ ପ୍ରଧାନ ବିଜୟୀ ହୋଇଥିଲେ। ୨୦୧୯ରେ ବର୍ତ୍ତମାନର ବିଧାୟକ ସାଲୁଗା ପ୍ରଧାନ ବିଜୟୀ ହୋଇଥିଲେ। ସାଲୁଗା ପ୍ରଧାନ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ କଂଗ୍ରେସ ପ୍ରାର୍ଥୀ ଶ୍ୟାମଘନ ପ୍ରଧାନଙ୍କୁ ହରାଇ ବିଜୟୀ ହୋଇଥିଲେ। ବିଜେପିର ଅର୍ଚ୍ଚନା ପ୍ରଧାନ ତୃତୀୟ ସ୍ଥାନରେ







ଥିଲେ। ଏହି ନିର୍ବାଚନମଣ୍ଡଳୀ ଦାରିଙ୍ଗବାଡି, ରାଇକିଆ, ଟିକାବାଲି, ଜି ଉଦୟଗିରି ବ୍ଲକ ଓ ଜି ଉଦୟଗିରି ଏନଏସିକୁ ନେଇ ଗଠିତ। ସମୁଦାୟ ୨୦୮୨୦୭ ମତଦାତା ମତଦାନ କରିବେ। ଏଇ ନିର୍ବାଚନମଣ୍ଡଳୀରେ ସମୁଦାୟ ୧୦୦୪୭୯ ଜଣ ପୁରୁଷ ମତଦାତା ଥିବା ବେଳେ ୧୦୭୫୯୩ ମହିଳା ମତଦାତା ଓ ୩୫ ଜଣ ତୃତୀୟ ଲିଙ୍ଗ ମତଦାତା ଅଛନ୍ତି। ଦାରିଙ୍ଗବାଡି ବ୍ଲକ ରେ ସର୍ବାଧିକ ୮୪୭୧୨ ମତଦାତା ଥିବା ବେଳେ ଜି.ଉଦୟଗିରି ବ୍ଲକ ରେ ସର୍ବନିମ୍ନ ୩୭୮୧୩ ଜଣ ମତଦାତା ଅଛନ୍ତି। ତେଣୁ ଦାରିଙ୍ଗବାଡି ବ୍ଲକ ଭୋଟର ଓ ମହିଳା ଭୋଟପ୍ରାର୍ଥୀଙ୍କ ବିଜୟରେ ନିର୍ଣ୍ଣାୟକ ଭୂମିକା ନେବା ସମ୍ଭାବନା ରହିଛି।

# କବି ଶ୍ରୀ ଜୟଦେବ ଜୟନ୍ତୀ ପାଳନ

**ପାରଳାଖେମୁଣ୍ଡି, ୧୦।୫(ସମିସ):** ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ଶ୍ରୀ ଜୟଦେବ ଜୟନ୍ତୀ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ବୀରେନ୍ଦ୍ର କୁମାର ଦାସ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଶ୍ରୀ ଜୟଦେବଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜୟଦେବଙ୍କ ସାହିତ୍ୟିକ ଜୀବନର ଇତିହାସ ବିଷୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦାସ କହିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ନାୟକ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସଦସ୍ୟା ଓ କର୍ମଚାରୀ ଉପସ୍ଥିତ ଥିଲେ।

# ବଜ୍ରପାତରେ ୩ ଗୋରୁ ମୃତ

**ଚକାପାଦ, ୧୦।୫(ସମିସ):** କାଳବୈଶାଖୀରେ ବର୍ଷା ହେବାସହ ବଜ୍ରପାତ ହେବାରୁ କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ବ୍ରାହ୍ମଣପାଦ ପଞ୍ଚାୟତ ଝୁଲାଙ୍ଗୀ ସାହି ଗ୍ରାମର ଗୋବିନ୍ଦ ବେହେରା ଗୋଟିଏ ବଳଦ, ଦୁଧିଆଳୀ ଗାଈ, ଓ ଗୋଟିଏ ବାଛୁରୀର ମୃତ୍ୟୁ ହୋଇଛି। ଚକାପାଦ ତହସିଲଦାର ଶିବ ମଲ୍ଲିକ ଏହାର ତଦନ୍ତ ରିପୋର୍ଟ ଦେବାକୁ ରାଜସ୍ୱ ନିରୀକ୍ଷକ ସତ୍ୟ ନାରାୟଣ ମେହେରଙ୍କୁ ନିର୍ଦ୍ଦେଶ ଦେଇଛନ୍ତ। ଏହାର କ୍ଷତି ପୂରଣ ଦେବାକୁ ଗୋବିନ୍ଦ ପ୍ରଶାସନ ନିକଟରେ ଗୁହାରି କରିଛନ୍ତି।

## ● ଆଜି ଫୁଲବାଣୀ ଆସୁଛନ୍ତି ମୋଦୀ

# ବିଜୟ ସଙ୍କଳ୍ପ ସମାବେଶକୁ ସମ୍ବୋଧିତ କରିବେ

**ଫୁଲବାଣୀ, ୧୦।୫(ସମିସ):** ସାଧାରଣ ନିର୍ବାଚନ ପାଇଁ ମତଦାନ ତାରିଖ ପାଖେଇ ଆସୁଥିବା ବେଳେ ଜୋର ଧରିଛି ସବୁ ଦଳର ପ୍ରଚାର। କନ୍ଧମାଳ ଏବେ ସବୁ ପ୍ରମୁଖ ରାଜନୈତିକ ଦଳର ଫୋକସରେ ରହିଛି। ୯ ତାରିଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଫୁଲବାଣୀରେ ନିର୍ବାଚନୀ ସଭାରେ ଯୋଗ ଦେଇଥିବା ବେଳେ ଆଜି ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସ୍ଥାନୀୟ କନ୍ଧମାଳ ଷ୍ଟାଡିୟମରେ ଆୟୋଜିତ ବିଜୟ ସଙ୍କଳ୍ପ ସମାବେଶରେ ଯୋଗ ଦେଇ ଦଳୀୟ କର୍ମକର୍ତ୍ତା ଓ ଜନସାଧାରଣଙ୍କୁ ସମ୍ବୋଧିତ କରିବେ। ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ସକାଳ ୧୦ଟା ୨୦ରେ ଗୁଦାରୀ ଏୟାରଷ୍ଟ୍ରିପରେ ପହଞ୍ଚିବା ପରେ ସେଠାରୁ କନ୍ଧମାଳ ଷ୍ଟାଡିୟମ ଆସିବେ। ସେଠାରେ ଜନସଭାରେ ଯୋଗ ଦେଇ ୧୧ଟା ୨୫ରେ ଫୁଲବାଣୀ ଛାଡିବେ। ମୋଦୀଙ୍କ ଗସ୍ତ ପାଇଁ ବିଜେପି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏହି ସମାବେଶରେ କନ୍ଧମାଳ ସାଂସଦ ପ୍ରାର୍ଥୀ ସୁକାନ୍ତ ପାଣିଗ୍ରାହୀଙ୍କ ସମେତ ସମସ୍ତ ୭ ବିଧାନସଭା କ୍ଷେତ୍ରର ବିଧାୟକ ପ୍ରାର୍ଥୀ ଯୋଗ ଦେବେ। ମୋଦିଙ୍କ ଭଳି ପ୍ରମୁଖ ନେତାଙ୍କ ଫୁଲବାଣୀ ଆଗମନକୁ ନେଇ ଦଳୀୟ କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖା ଦେଇଥିବା ବେଳେ ସାଧାରଣ ଲୋକଙ୍କ ମଧ୍ୟରେ ବି ଉତ୍କଣ୍ଠା ପ୍ରକାଶ ପାଇଛି।

# ଜଙ୍ଗଲରେ ନିଆଁ ଲଗାଇ ଜଣେ ଗିରଫ



**ଦାରିଙ୍ଗବାଡି, ୧୦।୫(ସମିସ):** ଜଙ୍ଗଲରେ ଗୁରୁବାର ଅପରାହ୍ନରେ ନିଆଁ ଲଗାଇବା ବେଳେ ବନ ବିଭାଗ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତି ଜଣଙ୍କ ହେଲେ ପର୍ତମାହା ପଞ୍ଚାୟତ ଯୁଗାବାଡ଼ି ଗ୍ରାମର ରଞ୍ଜିତ ପ୍ରଧାନ। ରଞ୍ଜିତ ପକାରୀ ସଂରକ୍ଷିତ ଜଙ୍ଗଲରେ ନିଆଁ ଲଗାଇବା ବେଳେ ବନ ବିଭାଗ ଜାଣିପାରିଥିଲା। ଏସିଏଫ୍ ତଥା ଦାରିଙ୍ଗବାଡି ବନାଞ୍ଚଳ ଅଧିକାରୀ ସତିଶ କୁମାର ଧାରୁଆଙ୍କ ନିର୍ଦ୍ଦେଶ କ୍ରମେ ବନପାଳ ରବିମୋହନ ନାୟକ, ବନରକ୍ଷୀ ବିଜୟାନନ୍ଦ ସେଠୀ, ରୁପିଙ୍ଗା ମଲିକ, ଶଙ୍କର ମାଳବିଷୋୟୀ ଓ ସ୍କ୍ୱାର୍ଡ ଟିମ୍ ଚଢଉ କରି ରଞ୍ଜିତକୁ ଗିରଫ କରିଥିଲେ। ବନ ବିଭାଗ ଏନେଇ ମାମଲା ରୁଜୁ କରିଥିବା ଜଣାପଡ଼ିଛି।

# ଜିଲ୍ଲାରେ ଆଦର୍ଶ ଆଚରଣବିଧି ଉଲ୍ଲଂଘନ ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ

**ପାରଳାଖେମୁଣ୍ଡି, ୧୦।୫(ସମିସ)**

ସାଧାରଣ ନିର୍ବାଚନ ଘୋଷଣା ହେବା ଦିନ ୧୬ ମାର୍ଚ୍ଚ ଠାରୁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି ଏବଂ ଏହା ନିର୍ବାଚନ ଫଳାଫଳ ଘୋଷଣା ପର୍ଯ୍ୟନ୍ତ ବଳବତ୍ତର ରହିବ। ଜିଲ୍ଲାରେ ୨ ବିଧାନସଭା ମଣ୍ଡଳୀ ତଥା ମୋହନା (ଏସ୍.ଟି) ଓ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀରୁ ଆଜିସୁଦ୍ଧା ୧୧୬ ଅଭିଯୋଗ ସି-ଭିଜିଲ୍ ପୋର୍ଟାଲ୍ ମାଧ୍ୟମରେ ହସ୍ତଗତ ହୋଇଛି। ସମସ୍ତ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି କୁହାଯାଇଛି। ସେହିଭଳି ବିଭିନ୍ନ ରାଜନୈତିକ ଦଳ ତରଫରୁ ଜିଲ୍ଲା ପର୍ଯ୍ୟବେକ୍ଷକଙ୍କ ନିକଟରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଥିବା କର୍ମଚାରୀଙ୍କ ବିରୋଧରେ ୧୦ଟି ଅଭିଯୋଗ ଦାଖଲ କରାଯାଇଛି। ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ସେଗୁଡିକ ମଧ୍ୟରେ ଯାଜପୁର ଗ୍ରାମବାସୀ ଓ ଅଙ୍ଗଦ ପ୍ରଧାନ ନାମକ ଜଣେ ବ୍ୟକ୍ତି ପଞ୍ଚାୟତ କାର୍ଯ୍ୟାଳୟକୁ ରାଜନୈତିକ ପ୍ଲାଟଫର୍ମ ଭାବରେ ବ୍ୟବହାର କରାଯାଉଥିବା ଅଭିଯୋଗ କରିଥିଲେ। ଏହି ଅଭିଯୋଗ ସମ୍ପର୍କରେ ତଦନ୍ତ କରାଯାଇଥିଲା। ଯାହାକି ମିଥ୍ୟା ବୋଲି ପ୍ରମାଣ ପାଇଛନ୍ତି ତଦନ୍ତକାରୀ ଟିମ୍। ସେହିପରି ପାରଳା ବିଧାୟକ ତଥା ଜିଲ୍ଲା ବିଜେପି ସଭାପତି କେ.ନାରାୟଣ ରାଓଙ୍କ ୮ଟି ଅଭିଯୋଗକୁ ଭିତ୍ତି କରି ତଦନ୍ତ କରାଯାଇଥିଲା। ସେହି ଅଭିଯୋଗ ଗୁଡିକୁ ତଦନ୍ତ କରାଯାଇଛି। ଅଭିଯୋଗ ଭିତ୍ତିରେ ଗୁମ୍ମା ବ୍ଲକ ବଡକଳାକୋଟ ପଞ୍ଚାୟତର ସିଆରପି ଗୀତାଞ୍ଜଳି ଭୂୟାଁଙ୍କୁ ବହିଷ୍କୃତ କରାଯାଇଥିବା ବେଳେ, କାଶୀନଗର ବ୍ଲକ ମୁଞ୍ଜୁଲିଗୁଡାର ଆଶାକର୍ମୀ ସମୀକ୍ଷା ଗମାଙ୍ଗଙ୍କୁ ନିଲମ୍ବନ କରାଯାଇଛି। ସେହିପରି କାଶୀନଗର ବ୍ଲକ ପାର୍ତଡା ପଞ୍ଚାୟତର ପିଇଓ ଜାକୁବ ଗମାଙ୍ଗଙ୍କୁ କାର୍ଯ୍ୟନୁଷ୍ଠାନ ବାବଦରେ ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟରେ ନିୟୋଜିତ କରିବା, ପାରଳାଖେମୁଣ୍ଡି ପୌରପରିଷଦର କନିଷ୍ଠଯନ୍ତ୍ରୀଙ୍କ ବିରୋଧରେ ସେକ୍ଟର ଅଫିସର ଡ୍ୟୁଟିକୁ ରଦ୍ଦ କରିବା, ଏଲ୍ଆଇ ଏସ୍.ବୀରରାଜୁ ସମ୍ପର୍କରେ ଅଣାଯାଇଥିବା ଅଭିଯୋଗ ଉପରେ ତଦନ୍ତ କରିବାରେ ସେ କୌଣସି ରାଜନୈତିକ ଦଳ ଗୁଡିକ ଦ୍ୱାରା ଆୟୋଜିତ କୌଣସି ପ୍ରଚାରରେ ସମ୍ପୃକ୍ତ ନ ଥିବା ଏବଂ ଏନେଇ ପର୍ଯ୍ୟବେକ୍ଷକଙ୍କ ନିକଟରେ ଦାଖଲ ହୋଇଥିବା କୁହାଯାଇଛି। ଗୁମ୍ମା ବ୍ଲକ ପରିଡ଼ା ପଞ୍ଚାୟତର ଯୋଗାଣ ସହାୟକ ଦାମୋଦର ନାୟକଙ୍କ ବିରୋଧରେ ଆସିଥିବା ଅଭିଯୋଗ ସମ୍ପର୍କରେ ତଦନ୍ତ କଲାବେଳେ ତାଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ନ ଥିବା ଏବଂ ପର୍ଯ୍ୟବେକ୍ଷକଙ୍କ ନିକଟରେ ରିପୋର୍ଟ ଦାଖଲ କରିବା, ଗୁମ୍ମା ବ୍ଲକ କୃଷିକାର୍ଯ୍ୟାଳୟର ପିଅନ ପ୍ରଦୀପ ଦଳାଇଙ୍କ ଉପରେ ଅଭିଯୋଗ ଅନୁଯାୟୀ ତଦନ୍ତ କରାଯାଇ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ବାବଦରେ ବ୍ଲକ କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତାଙ୍କୁ କୌଣସି ରାଜନୈତିକ କାର୍ଯ୍ୟକଳାପରେ ଜଡିତ ନହେବା ଏବଂ ଏନେଇ ମୁଖ୍ୟ ପର୍ଯ୍ୟବେକ୍ଷକଙ୍କ ନିକଟରେ ରିପୋର୍ଟ ଦାଖଲ କରାଯିବା, ଗୋଷାଣି ବ୍ଲକ ପାଟିକୋଟା ଗ୍ରାମର ସମବାୟ ସମିତି ସମ୍ପାଦକ ଆର୍. ଭେଙ୍କଟରାଓଙ୍କ ଉପରେ ଆସିଥିବା ଅଭିଯୋଗର ତଦନ୍ତ କରାଯାଇଥିଲେ ମଧ୍ୟ ସେ କୌଣସି ରାଜନୈତିକ ଦଳରେ କଦାପି ଜଡିତ ନ ଥିବା ଜଣାପଡ଼ିଥିଲା। ଏନେଇ ମୁଖ୍ୟ ପର୍ଯ୍ୟବେକ୍ଷକଙ୍କ ନିକଟରେ ରିପୋର୍ଟ ଦାଖଲ କରାଯାଇଛି। ସେହିପରି କଂଗ୍ରେସ ପ୍ରାର୍ଥୀ ବିଜୟ କୁମାର ପଟ୍ଟନାୟକ ଏବଂ କଂଗ୍ରେସ ନେତା ବସନ୍ତ ପଣ୍ଡା ପୌରପରିଷଦ କାର୍ଯ୍ୟାଳୟ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପୋଷ୍ଟର ମରାକୁ ନେଇ ଅଭିଯୋଗ କରିଥିଲେ। କିନ୍ତୁ କୌଣସି ପୋଷ୍ଟର ଉଭୟ ସ୍ଥାନରେ ଲାଗି ନ ଥିବା ଏବଂ ଏନେଇ ଏକ ରିପୋର୍ଟ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ଦାଖଲ କରାଯାଇଥିବା ଜଣାପଡ଼ିଛି।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ହଷ୍ଟେଲରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବ୍ରହ୍ମପୁର,୧୦।୫ (ସମିସ):** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଚିଲିକା ହଷ୍ଟେଲରୁ ଆଜି ସନ୍ଧ୍ୟାରେ ଜଣେ ଛାତ୍ରୀଙ୍କ ଝୁଲନ୍ତା ଅବସ୍ଥାରେ ମୃତ ଦେହ ଉଦ୍ଧାର ହୋଇଛି । ଯୁବତୀ ଜଣକ ହେଲେ ଅର୍ଥନୀତି ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରୀ ମାମାଲି ବିଷୋୟୀ । ତାଙ୍କ ଘର ଆସିକା ଥାନା ଅଧିନ ନଳକଣ୍ଠା ଗ୍ରାମର ବୋଲି ସୂଚନା ମିଳିଛି । ସୂଚନା ଅନୁସାରେ ମାମାଲି ଚିଲିକା ହଷ୍ଟେଲ ରୁମ ନମ୍ବର ୨୦୩ରେ ରହୁଥିଲେ । ଆସନ୍ତା କାଲି ଘରକୁ ଯିବା ପାଇଁ ସାଙ୍ଗ ସାଥୀଙ୍କୁ କହିଥିଲେ । ଆଜି ମାମାଲି ସାଙ୍ଗମାନଙ୍କ ସହ ବିଶ୍ୱବିଦ୍ୟାଳୟ ଯାଇଥିଲେ । ସେଠାରୁ ସନ୍ଧ୍ୟା ପ୍ରାୟ ୫ ଘଣ୍ଟା ସମୟରେ ହଷ୍ଟେଲକୁ ଫେରିଥିଲେ । କିଛି ସମୟ ପରେ ସାଙ୍ଗସାଥୀ ମାନେ ରୁମ କବାଟ ବାଡେଇ ଥିଲେ । ହେଲେ କବାଟ ଖୋଲି ନଥିଲା । ବହୁ କଷ୍ଟରେ କବାଟ ଖୋଲିବାରୁ ମାମାଲି ନିଜ ଚୁନିରେ ଫ୍ୟାନ୍ ହୁକରେ ଝୁଲୁଥିବା ଦେଖିବାକୁ ମିଳିଥିଲା । ହଷ୍ଟେଲ କର୍ତ୍ତୃପକ୍ଷ, କୁଳପତି ଓ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ପୁଲିସ ମୃତ ଦେହ ଉଦ୍ଧାର କରି ବ୍ରହ୍ମପୁର ଏମକେସିଜି ମେଡ଼ିକାଲକୁ ପଠାଇଛି । ମାମାଲି ବିବାହ କରିଥିବା ଜଣାପଡ଼ିଛି ।ତେବେ କେଉଁ କାରଣରୁ ସେ ଏଭଳି ପଦକ୍ଷେପ ନେଲେ ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ଜଣାପଡିବ ବୋଲି ପୁଲିସ କହିଛି ।ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି ।

# ଠାକୁରାଣୀଙ୍କ ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ



**ସାନଖେମୁଣ୍ଡି,୧୦।୫(ସମିସ):** ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ଚୁଡ଼ଙ୍ଗପୁର ପଞ୍ଚାୟତର ପଳାସପୁର ଗାଁରେ ମା'ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ନିମନ୍ତେ ଶୁକ୍ରବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ଏହି ଅବସରରେ ମା'ଠାକୁରାଣୀଙ୍କ ଠାରୁ ଆଜ୍ଞା ନେଇ ମନ୍ଦିର ନିକଟରୁ ଶୁଭଖୁଣ୍ଟି ଆଣି ଗ୍ରାମର ପୂଜକ ପଣ୍ଡିତ ସିଦ୍ଧାନ୍ତ ତ୍ରିପାଠୀ ଓ କର୍ତ୍ତା ରବୀନ୍ଦ୍ର ପାଣିଗ୍ରାହୀଙ୍କ ଦ୍ୱାରା ପୂଜାପାଠ କରାଯାଇ ଅସ୍ଥାୟୀ ମନ୍ଦିର ନିକଟରେ ସ୍ଥାପନ କରାଯାଇଛି । ଆସନ୍ତା ୨୨ ତାରିଖ ବୁଧବାର ଠାରୁ ମା'ଙ୍କ ଯାତ୍ରା ଆରମ୍ଭ ହୋଇ ଜୁନ ମାସର ୧୧ ତାରିଖରେରେ ସମାପ୍ତ ହେବ । ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା, ମା'ଙ୍କ ଘଟ ପରିକ୍ରମା କରାଯିବା ନେଇ ପୂର୍ବ ବୈଠକରେ ନିଷ୍ପତ୍ତି ନିଆଯାଇଛି । କାର୍ଯ୍ୟକ୍ରମରେ ସଭାପତି ଜଗନ୍ନାଥ ପାଣିଗ୍ରାହୀ, ସମ୍ପାଦକ ମିଟୁ ରେଡ୍ଡୀ, କୋଷାଧ୍ୟକ୍ଷ ନୀଳମାଧବ ସାହୁ, ଉପସଭାପତି ବିଜୟ ମହାପାତ୍ର, ସହସମ୍ପାଦକ କାଳିଆ ଗୌଡ଼ଙ୍କ ସମେତ ସରପଞ୍ଚ ଜାଗିଲି ସେଠୀ, ଉପଦେଷ୍ଟା, ଶୁକଦେବ ରେଡ୍ଡୀ, ପ୍ରମୋଦ ପାଣିଗ୍ରାହୀ, ଟୀଙ୍କା ପାଢ଼ୀ, ଟୁଟୁ ପାଢ଼ୀ, ବୁନା ସାହୁ, ନେଲା ସାହୁ, ମନୋଜ ମାଦଲା, ବାବୁ ଗୌଡ଼, ନନ୍ଦ ଜେନା, ଶିବ ବେହେରା, ରାଜେଶ ପାଢ଼ୀଙ୍କ ସମେତ ସମସ୍ତ ଗ୍ରାମବାସୀ ଓ କମିଟି ବୃନ୍ଦ ଉପସ୍ଥିତ ରହିଥିଲେ ।

# ବିଜେଡି ନିର୍ବାଚନୀ ଇସ୍ତାହାରକୁ ଛତ୍ରପୁରରେ ସ୍ୱାଗତ



**ବ୍ରହ୍ମପୁର, ୧୦।୫ (ସମିସ):** ଚଳିତ ସାଧାରଣ ନିର୍ବାଚନ ପାଇଁ ବିଜୁ ଜନତା ଦଳ ପକ୍ଷରୁ ନିର୍ବାଚନୀ ଇସ୍ତାହାର ପ୍ରକାଶ ପାଇଛି । ଯେଉଁଥିରେ ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ବିଭିନ୍ନ ସୁବିଧା ଯୋଗାଇ ଦିଆଯାଇଛି । ୧୦୦ ୟୁନିଟ ମାଗଣା ବିଦ୍ୟୁତ ସମେତ ଯୁବାବର୍ଗଙ୍କ ପାଇଁ ନିଯୁକ୍ତି ଭଳି ବିଭିନ୍ନ ସୁବିଧା ସୁଯୋଗ ରହିଥିବାରୁ ଶୁକ୍ରବାର ଛତ୍ରପୁର ବିଜୁ ଜନତା କାର୍ଯ୍ୟାଳୟରେ ଏହାକୁ ନିଆରା ଢଙ୍ଗରେ ସ୍ୱାଗତ କରାଯାଇଛି । ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଛତ୍ରପୁର ପୌର ପରିଷଦର ଉପାଧ୍ୟକ୍ଷ ଜି. ପାପା ରାଓ, କାଉନସିଲର ମମତା ପାତ୍ର, ଦେବାଶିଷ ମିଶ୍ର, ପ୍ରୀତିଛନ୍ଦା ସାମଲ, ବି. ନିଶ୍ଚଳା ସ୍ୱାମୀ ଓ ଡି. ଇନ୍ଦୁ, ପୂର୍ବତନ ସମିତି ସଭ୍ୟ ସାନୁ ସେଠି, କିଶୋର ବେହେରାଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀମାନେ ଯୋଗଦେଇ ବାଣ ଫୁଟାଇ ଓ ମିଷ୍ଟାନ ବାଣ୍ଟି ବିଜେଡି ଜିନ୍ଦାବାଦ ଓ ନବୀନ ପଟ୍ଟନାୟକ ଜିନ୍ଦାବାଦ ନାରା ଦେଇ ଏହି ନିର୍ବାଚନୀ ଇସ୍ତାହାରକୁ ସ୍ୱାଗତ କରିଥିଲେ ।

## ବିଭିନ୍ନ ସ୍ଥାନରେ ଅକ୍ଷୟ ତୃତୀୟା ପାଳିତ

# କ୍ଷେତରେ ଅଖିମୁଠି ଅନୁକୂଳ କଲେ ଚାଷୀ



ପୁରୁଷୋତ୍ତମପୁର



ଧରାକୋଟ

**ପୁରୁଷୋତ୍ତମପୁର,୧୦।୫(ସମିସ)**

ପବିତ୍ର ଅକ୍ଷୟ ତୃତୀୟାକୁ ନେଇ ଚଳଚଞ୍ଚଳ ହୋଇଉଠିଛି ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଅଞ୍ଚଳର ଚାଷୀ । ଆଜିର ଦିନରେ ଚାଷକାର୍ଯ୍ୟ ଅନୁକୂଳ କରି ଧାନ ବୁଣିଲେ ଭଲ ଫସଲ ଅମଳ ହୁଏ ବୋଲି ପୂର୍ବରୁ ବିଶ୍ୱାସ ରହିଛି । ଏଣୁ ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ସ୍ୱପ୍ନେଶ୍ୱର ମନ୍ଦିର ନିକଟସ୍ଥ ଏକ ଜମିରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ସ୍ୱପ୍ନେଶ୍ୱର କୃଷକ ସଂଘ ପକ୍ଷରୁ ସଭାପତି ଆଇ ମୁକୁନ୍ଦ ରାଓଙ୍କ ତତ୍ତ୍ୱାବଧାନରେ ଅକ୍ଷୟ ତୃତୀୟାରେ ଅକ୍ଷିମୂଠି ବପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅତିଥି ଠଭାବେ ଗଞ୍ଜାମ ଜିଲ୍ଲା ଋଷିକୂଲ୍ୟା ରୟତ ମହାସଂଘର ସମ୍ପାଦକ ସିମାଞ୍ଚଳ ନାୟକ ଯୋଗଦେଇ ହଳ ଲଙ୍ଗଳ ଧରି ଜମିରେ ଚାଷ କରିବା ସହ ଅଖିମୁଠି ଅନୁକୁଳ କରିଥିଲେ । ଏଥିରେ କୃଷକ ସଂଘର ସମ୍ପାଦକ କିଶୋର ଚନ୍ଦ୍ର ସାସମଲ, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ଗୌଡ଼, ଲକ୍ଷ୍ମୀ ଚରଣ ପାଣିଗ୍ରାହୀ, ବନ୍ଧୁ ସାମଲ, ଗଙ୍ଗାଧର ଗୌଡ଼, ପ୍ରଶାନ୍ତ ବେହେରାଙ୍କ ସମେତ ବହୁ ଚାଷୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।



କବିସୂର୍ଯ୍ୟନଗର

**ଧରାକୋଟ:** ଅକ୍ଷୟ ତୃତୀୟା ଅବସରରେ ପାରମ୍ପରିକ ରୀତିନୀତି ଅନୁସାରେ ହଳ ଲଙ୍ଗଳ ଏବଂ ଧାନ ବିହନ ହାତରେ ଧରି ଚାଷ କାର୍ଯ୍ୟ ଆରମ୍ଭ କଲେ ଚାଷୀ । ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ ବ୍ଲକ କୃଷି ବିଭାଗ ପକ୍ଷରୁ ଅକ୍ଷି ମୁଠି କାର୍ଯ୍ୟକ୍ରମ ହୋଇଛି । ବିଲକୁ ହଳ ଲଙ୍ଗଳ, ବଳଦ ଓ ଧାନ ବିହନ ଧରି ଚାଷ ଜମି ଅଭିମୁଖେ ଯାଇଛି । ଅକ୍ଷୟ ତୃତୀୟାରେ ପ୍ରଭୁ ଜଗନ୍ନାଥ ଏବଂ ମାତା ମହାଲକ୍ଷ୍ମୀଙ୍କୁ ସ୍ମରଣ କରି ଚାଷୀ ଅନୁକୂଳ ମୁଠି ଚାଷ ଜମିରେ ପୂଜା ଧାନକୁ ବୁଣା କରିଛି । ଆଜିର ଏହି ଦିବସରେ ରଥ କାର୍ଯ୍ୟ ଆରମ୍ଭ ହେବା, ଜଗନ୍ନାଥ ମନ୍ଦିର ମାନଙ୍କରେ ପ୍ରବଳ ଗରମରୁ ରକ୍ଷା ପାଇବା ପାଇଁ ବିଜେ ପ୍ରତିମାକୁ ସୁସଜିତ ବିମାନରେ ଏକ ପୋଖରୀକୁ ଆଣି ଚାପ ଖେଳା କାର୍ଯ୍ୟ ଆଜି ଠାରୁ ଆରମ୍ଭ ହୋଇଯାଇଛି ।

**କବିସୂର୍ଯ୍ୟନଗର:** କବିସୂର୍ଯ୍ୟନଗର ଏନଏସି ବିଜେଡି ପକ୍ଷରୁ କୃଷକ ମାନଙ୍କୁ ନେଇ ନୂତନ କନ୍ଧ ଖରିଡା ରାସ୍ତା ପାଶ୍ୱର୍ରେ ଥିବା ଜମିରେ ଅଖିମୁଠି ବପନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । କବିସୂର୍ଯ୍ୟନଗର ବିଧାୟିକା ପ୍ରାର୍ଥିନୀ ଲତିକା ପ୍ରଧାନ ଯୋଗଦେଇ ଜମିରେ ଲଙ୍ଗଳ ଚାଷ କରି ଅନୁକୂଳ ମୁଠି ବପନ କରିଥିଲେ । କଥାରେ ଅଛି ଚାଷ ହୁଡ଼ିଲେ ବରଷେ, କଥା ହୁଡ଼ିଲେ ପୁରୁଷେ, ଏହି ନ୍ୟାୟରେ ଆଜି ପବିତ୍ର ଅକ୍ଷୟ ତୃତୀୟାରେ ଚଷା ପୁଅ ମାନେ ବିଲରେ ହଳ, ଲଙ୍ଗଳକୁ ସଜିତ କରି ନିଜ ବିଲରେ କିମ୍ବା ସାହୁକାରଙ୍କ ବିଲରେ ତାଙ୍କର ପ୍ରଥମ ଅଖିମୁଠି ବପନ କରିଥାନ୍ତି । ଏହି ବର୍ଷର ଧାନ ଅମଳ କୌଣସି ବାଧା ବିଘ୍ନ ନଥାଇ ଭଲରେ ଫସଲ କିପରି ହୋଇ ପାରିବା ସହିତ ବର୍ଷସାରା ତାଙ୍କ ପରିବାର ଖୁସିରେ ବଞ୍ଚିବେ ସେଥିପାଇଁ ମା'ମହାଲକ୍ଷ୍ମୀଙ୍କ ସହିତ ଅନ୍ୟାନ୍ୟ ଦେବଦେବୀଙ୍କ ପାଖେ ଶରଣାପନ୍ନ ହୋଇଥାନ୍ତି । ଏହି କାର୍ଯ୍ୟକ୍ରମରେ ବିଧାୟିକା ପ୍ରାର୍ଥୀଙ୍କ ବ୍ୟତୀତ ଏନଏସି ନଗର ସଭାପତି ଭଗବାନ ସ୍ୱାଇଁ, ବିକ୍ରାନ୍ତ କୁମାର ସାହୁ, ରାଜେନ୍ଦ୍ର ଖଟେଇ, ବ୍ରଜ ସୁନ୍ଦର ମଳିକ, ରସଲ ଦାସ, ଅଶୋକ ଦଳାଇ, ସୁବାସ ଚନ୍ଦ୍ର ଜେନା, ଏସ. ଲକ୍ଷ୍ମୀ ସେଠି, ସୂର୍ଯ୍ୟନାରାୟଣ ନାୟକ, ମୁକେଶ ଦାସ, ସୁରେନ୍ଦ୍ର ସ୍ୱାଇଁ, ହୀନ ସ୍ୱାଇଁ, ଯଜ୍ଞ ପରିଡ଼ାଙ୍କ ସହିତ ୨ଶହରୁ ଉଦ୍ଧ୍ୱର୍ ଚାଷୀ ଓ ରୟତ ମାନେ ଯୋଗ ଦେଇଥିଲେ ।

# ଦଳୀୟ ଇସ୍ତାହାରକୁ ନେଇ ବ୍ଲକ୍ ବିଜେଡି ଉତ୍ସାହିତ

**ଶେରଗଡ଼,୧୦।୫(ସମିସ):** ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ବିଜେଡିର ଦଳୀୟ ଇସ୍ତାହାରକୁ ଗୁରୁବାର ସନ୍ଧ୍ୟାରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଉନ୍ମୋଚନ କରିଛନ୍ତି । ଏହାକୁ ନେଇ ଶେରଗଡ ବ୍ଲକ ବିଜେଡି ଉତ୍ସାହିତ ହୋଇଛି । ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଶେରଗଡ ଚାରି ଛକ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ତଳେ ଶହ ଶହ ବିଜେଡି କର୍ମୀ ସମବେତ ହୋଇ ବାଜା ବଜାଇ,ବାଣ ଫୁଟାଇ ଖୁସି ଜାହିର କରିଛନ୍ତି । ଏହି ଇସ୍ତାହାର ଓଡ଼ିଶାର ଜନସାଧାରଣଙ୍କ ଲାଗି ଉପାଦେୟ ହୋଇଥିବାରୁ ଶେରଗଡ ବ୍ଲକ ବିଜେଡି ଉତ୍ସବ ପାଳନ କରିଛି ବୋଲି ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ପ୍ରକାଶ କରିଛନ୍ତି । ଏହି ଉତ୍ସବରେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ସଭ୍ୟା ନିବେଦିତା ପ୍ରଧାନ ଓ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ, ବରିଷ୍ଠ ବିଜେଡି ନେତା ହୀନ ବେହେରା, ଆସିକା ସମବାୟ ଚିନି ଶିଳ୍ପର ପୂର୍ବତନ ପରିଚାଳନା ବୋର୍ଡର ସଭାପତି ବିପିନବିହାରୀ ପାତ୍ର, ଗୋବିନ୍ଦପୁର ପୂର୍ବତନ ସରପଞ୍ଚ ସୀମାଞ୍ଚଳ ପ୍ରଧାନ, କୁମାରପାଣି ସରପଞ୍ଚ ଉଦୟନାଥ ପ୍ରଧାନ, ଶେରଗଡ ପୂର୍ବତନ ସରପଞ୍ଚ ମେଘନାଦ ଦାସ, ପୂର୍ବତନ ବ୍ଲକ ବିଜେଡି ସଭାପତି ଦିଗାମ୍ବର ନାହାକଙ୍କ ସମେତ ଆଗଧାଡିର ବିଜେଡି ନେତାମାନେ ଆନନ୍ଦର ସହ ଉତ୍ସବ ପାଳନ କରିଥିଲେ ।




# ମୁଖ୍ୟମନ୍ତ୍ରୀଙ୍କ ଲାଗି ଘରକୁ ଘର ବୁଲି ପ୍ରଚାର



**ଶେରଗଡ଼,୧୦।୫(ସମିସ):** ଶୁକ୍ରବାର ଶେରଗଡ ବ୍ଲକ ଅନ୍ତର୍ଗତ ତହଁର ପଞ୍ଚାୟତରେ ମୁଖ୍ୟମନ୍ତ୍ରୀଙ୍କ ଲାଗି ବିଭିନ୍ନ ଗ୍ରାମରେ ଘରକୁ ଘର ବୁଲି ଲୋକଙ୍କ ପାଖରେ ଭୋଟ ଭିକ୍ଷା କରିଥିଲେ । ଦଳ ବିକାଶର ଉଦାହରଣ ଦେଇ ଲୋକଙ୍କ ପାଖରେ ପହଞ୍ଚିବା ସହିତ ବିରୋଧୀଙ୍କ ଅପପ୍ରଚାର ରୋକିବାକୁ ପ୍ରୟାସ ଜାରି ରଖିବା ସହିତ ଆଗାମୀ ଦିନରେ ଓଡିଶାକୁ ଏକ ବିକାଶମୂଳକ ରାଜ୍ୟ ଭାବରେ ଗଢି ତୋଳିବା ଲାଗି ମୁଖ୍ୟମନ୍ତ୍ରୀ ବଦ୍ଧ ପରିକର । ପ୍ରଚାର ସମୟରେ ଶେରଗଡ ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର, ବ୍ଲକ ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ସରପଞ୍ଚ ଶିବରାମ ମେହେଣା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ବରିଷ୍ଠ ନେତା ବିପିନ ବିହାରୀ ପାତ୍ରଙ୍କ ସହିତ ଶତାଧିକ କର୍ମୀ ଏବଂ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ଚାରି ପଞ୍ଚାୟତରେ ବିଜେଡିର ପ୍ରଚାର



**ଧରାକୋଟ,୧୦।୫(ସମିସ):** ଆସନ୍ତା ସାଧାରଣ ନିର୍ବାଚନରେ ସାନଖେମୁଣ୍ଡି ବିଧାନସଭା ଆସନରେ ବାଜିମାତ ପାଇଁ ବିଜେଡି ତରଫରୁ ପ୍ରଚାର କାର୍ଯ୍ୟକ୍ରମକୁ ଜୋରଦାର କରାଯାଇଛି । ଶୁକ୍ରବାର ଧରାକୋଟ ବ୍ଲକର ୩୦ ନମ୍ବର ଜିଲ୍ଲା ପରିଷଦ ଜୋନର ବରଡ଼ାବିଲି, ରୁଗୁମୁ, ଓଳମ୍ବା ଓ ବାହାରପୁର ପଞ୍ଚାୟତରେ ବିଧାୟିକା ପ୍ରାର୍ଥିନୀ ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଧରାକୋଟ ରାଜଜେମା ଶାନ୍ତି ପ୍ରିୟା ଗୀତାଞ୍ଜଳି, ବ୍ଲକ ଉପାଧ୍ୟକ୍ଷ ମନୋଜ କୁମାର ସାହୁ, ଜିଲ୍ଲା ପରିଷଦ ସଦସ୍ୟ ପ୍ରତାପ ସ୍ୱାଇଁ, ଟୁକୁନା ଗୌଡ଼, ବ୍ଲକ ବିଜେଡି ସଭାପତି ସଞ୍ଜୟ ପାତ୍ର, ଜିଲ୍ଲା ବିଜେଡି ସମ୍ପାଦକ ରବୀନ୍ଦ୍ର ଘୋଷ, ପୂର୍ବତନ ସରପଞ୍ଚ ଦିଲୀପ ସ୍ୱାଇଁ, ବିଜେଡି ନେତା ହିନେନ୍ଦ୍ର ନାୟକ ପ୍ରମୁଖ ମିଳିତ ଭାବରେ ପ୍ରଚାର କରି ବିଜେଡି ଦଳର ପ୍ରାର୍ଥୀ ମାନଙ୍କୁ ଭୋଟ ଦେଇ ଜିତାଇବା ପାଇଁ ନିବେଦନ କରିଥିଲେ । କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଭାବେ ଏକ ବାଇକ ରାଲି ଅନୁଷ୍ଠିତ ହୋଇଥିଲା । ଖାରିଗୁମା, ବରଡ଼ାବିଲି, ହରିପୁର, ବେଠୁଆର, କାନଗିରିଡି, ଶୁଣ୍ଢିପଲି, କସେଇ, ଓଳମ୍ବା, ରୁଗୁମୁ, ବାହାରପୁର, ଚାରିଛକ, ଡାକିବଜା, କେନ୍ଦୁପଲି ପ୍ରଭୃତି ସମସ୍ତ ଗ୍ରାମରେ ଦଳୀୟ ପ୍ରାର୍ଥୀ ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

# ରାସ୍ତା କଡ଼ରେ ବିପଦସଂକୁଳ ଗଛ



**ବୁଗୁଡ଼ା,୧୦।୫(ସମିସ):** ଗତ ସପ୍ତାହର କାଳବୈଶାଖି ତାଣ୍ଡବରେ ବୁଗୁଡା ବଡଦାଣ୍ଡସ୍ଥିତ ବଳଦେବ ମନ୍ଦିର ନିକଟ ରାସ୍ତା କଡରେ ଥିବା ଏକ ବଡ କଦମ୍ବ ଗଛର ମୂଳ ଉପୁଡି ଯାଇଥିବାରୁ ତାହା ଗୋଟିଏ ପଟକୁ ଢଳି ରହିଛି । ସାମାନ୍ୟ ପବନ ହେଲେ ତାହା ଦୋହଲି ଉଠି ସାଧାରଣରେ ଭୟର ବାତାବରଣ ସୃଷ୍ଟି କରୁଛି । ବିପଦଜ୍ଜନକ ଅବସ୍ଥାରେ ଢଳି ରହିଥିବା ସେହି ଗଛର ଅତି ନିକଟରେ ଘର ଗୁଡ଼ିକୁ ସଂଯୋଗ ହୋଇଥିବା ଅନେକ ବିଦ୍ୟୁତ୍ ତାର ରହିଛି । ଯଦି କୌଣସି କାରଣରୁ ଗଛଟି ସମ୍ପୂର୍ଣ୍ଣ ପଡିଯାଏ ତେବେ ଆଖପାଖରେ ଥିବା ଘରଗୁଡ଼ିକ କ୍ଷତିଗ୍ରସ୍ତ ହେବା ସହ ବିଦ୍ୟୁତ ତାର ଛିଣ୍ଡି ଜନ ଜୀବନ ପ୍ରତି ବିପଦ ଆଣିବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ଏହାର ପ୍ରତିକାର ଲାଗି ଅଞ୍ଚଳବାସୀ ଦାବି କରି ଆସୁଥିଲେ ସୁଦ୍ଧା ଏନ୍ଏସି ପ୍ରଶାସନ କିମ୍ବା ବିଦ୍ୟୁତ ବିଭାଗ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ କରୁନାହାନ୍ତି । ଏଣୁ କୌଣସି ଦୁଃଖଦ ଘଟଣା ଘଟିବା ପୂର୍ବରୁ ସ୍ଥାନୀୟ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ୨ ଛାତ୍ରଛାତୀଙ୍କ ସଫଳତା




**ଛତ୍ରପୁର,୧୦।୫(ସମିସ):** ଗୁରୁବାର ସ୍ନାତକ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳାଫଳ ଘୋଷଣା ହୋଇଛି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ତରରେ ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ୨ ଜଣ ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି । ବିଜ୍ଞାନ ମହାବିଦ୍ୟାଳୟର ସ୍ନାତକ ପଦାର୍ଥ ବିଜ୍ଞାନ ବିଭାଗର ଛାତ୍ର ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସର ପ୍ରଧାନଶିକ୍ଷକ ଭାଗୀରଥି ସ୍ୱାଇଁଙ୍କ ପୁଅ ରୌମ୍ୟ ରଞ୍ଜନ ସ୍ୱାଇଁ ୮୯.୭୧ ପ୍ରତିଶତ ମାର୍କ ରଖି ସମଗ୍ର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୬ଷ୍ଠ ର୍‌ୟାଙ୍କ ରଖିଥିବାବେଳେ ଏହି ମହାବିଦ୍ୟାଳୟର ସ୍ନାତକ ବାଣିଜ୍ୟ ବିଭାଗର ଛାତ୍ରୀ ତଥା ଛତ୍ରପୁର ବିଏସ୍ଏନଏଲ ଅଫିସ କଲୋନୀର ଏମ୍.ରମେଶଙ୍କ ଝିଅ ଏମ୍.ସୃଜନ ୮୧ ପ୍ରତିଶତ ରେଜଲ୍ଟ ରଖି ସେ ମଧ ବିଶ୍ୱବିଦ୍ୟାଳୟ ସ୍ତରରେ ୬ଷ୍ଠ ର୍‌ୟାଙ୍କ୍ ରଖି ସଫଳତା ହାସଲ କରିଛନ୍ତି । ଏଥିପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଅଜୟ କୁମାର ତ୍ରିପାଠୀ ଓ ବିଭାଗର ମୁଖ୍ୟ ଏବଂ ସମସ୍ତ ଅଧ୍ୟାପକ ଅଧ୍ୟାପିକା ୨ ଜଣ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଗାଙ୍ଗପୁର ବନାଞ୍ଚଳରୁ ପୁରୀ ଗଲା ରଥକାଠ




**ଭଞ୍ଜନଗର/ବେଲଗୁଣ୍ଠା,୧୦।୫(ସମିସ):** ଆଗକୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ମହାପ୍ରଭୁଙ୍କ ରଥ ନିର୍ମାଣ ପାଇଁ ଗୁରୁବାର ଗାଙ୍ଗପୁର ବନାଞ୍ଚଳ ଅନ୍ତର୍ଗତ କେଶରାପଲ୍ଲୀ ଏବଂ ମାଳତୀ ଗ୍ରାମରୁ ପୁରୀକୁ ରଥକାଠ ପଠାଯାଇଛି ଓ ଉତ୍ତର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଆଜି ଉଭୟ ଗ୍ରାମରୁ ଷୋହଳ ଖଣ୍ଡ ଫାସି କାଠ ଗଣ୍ଡି ପୁରୀକୁ ପଠାଯାଇଥିଲା । ଏନେଇ ଯଥାବିଧି ହୋମ କାର୍ଯ୍ୟ ଅନୁଷ୍ଠିତ ହୋଇଥିବାବେଳେ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ ପୃଥ୍ୱୀରାଜ ପ୍ରଧାନ ଯଜ୍ଞ କର୍ତ୍ତା ରୂପେ ଦାୟିତ୍ୱ ତୁଲାଇଥିଲେ । ଗାଙ୍ଗପୁର ବନପାଳ ଜୀବାନନ୍ଦ ତ୍ରିପାଠିଙ୍କ ତତ୍ତ୍ୱାବଧାନରେ ବନରକ୍ଷୀ ମନୋଜ କୁମାର ନାୟକ, ବନ କର୍ମଚାରୀ ଶିବରାମ ବିଷୋୟୀ, ଉତ୍ତମ ପ୍ରଧାନ, ଭଞ୍ଜ ପ୍ରଧାନ, କୃଷ୍ଣ ମଳିକ ପ୍ରମୁଖ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଉଭୟ କେଶରାପଲ୍ଲୀ ଏବଂ ମାଳତୀ ଗ୍ରାମବାସୀ ସହଯୋଗ କରିଥିଲେ ।

# ବିଶ୍ୱ ରେଡକ୍ରସ ଦିବସ ପାଳିତ




**ହୁମା,୧୦।୫(ସମିସ):** ଗୋପାଳକୃଷ୍ଣ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ରେଡକ୍ରସ ଦିବସ କଲେଜ ଅଧ୍ୟକ୍ଷ ଡ଼ ସିଏଚ ସୁଧାକରଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି । ଏହି ରେଡ଼କ୍ରସ ମାଧ୍ୟମରେ ସ୍ୱେଚ୍ଛାସେବୀମାନଙ୍କୁ ମାନବିକତାକୁ ବଜାୟ ରଖିବା ପାଇଁ ଅନୁଷ୍ଠାନର ଯୁବ ରେଡ଼କ୍ରସର ପରାମର୍ଶଦାତା ତଥା ରାସାୟନିକବିତ ଡ଼.ଜଗଦୀଶ ଚନ୍ଦ୍ର ପାଳ ଅବଗତ କରାଇଥିଲେ । ତତସଙ୍ଗେ ରେଡ଼କ୍ରସର ନୈତିକ ମୂଲ୍ୟବୋଧ ଦ୍ୱାରା ଅନୁପ୍ରାଣିତ ହେବା ପାଇଁ ଅନୁଷ୍ଠାନର ଇଁରାଜୀ ବିଭାଗର ଅଧ୍ୟାପକ ଡ଼.ଗଜେନ୍ଦ୍ର କୁମାର ସେଠୀ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ । ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ କୃତି ସ୍ୱେଚ୍ଛାସେବୀମାନଙ୍କୁ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ସଞ୍ଚାଳନ କରିବା କ୍ଷେତ୍ରରେ ଅନୁଷ୍ଠାନର କ୍ରୀଡା ଶିକ୍ଷକ ବିରଞ୍ଚି ନାରାୟଣ ବେହେରା, ଲଳିତେନ୍ଦୁ ସାହୁ, ବିଦ୍ୟାଧର ବେହେରା, ପ୍ରହ୍ଲାଦ ସାହୁ, ସୁଧୀର କୁମାର ବେହେରା, ଅଭିମନ୍ୟୁ ସାହୁ, ପ୍ରତାପ ଚନ୍ଦ୍ର ବେହେରା ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ସ୍ୱେଚ୍ଛାସେବୀମାନେ ଯୋଗଦେଇଥିଲେ । ଜୀବ ବିଜ୍ଞାନର ଡେମୋନଷ୍ଟ୍ରାଟର ଶୁଭ୍ରାଂଶୁ ଶେଖର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପାଖେଇ ଆସୁଛି ନିର୍ବାଚନ, ଜମୁଛି ପ୍ରଚାର

## ବିଜେଡି ପ୍ରଚାରରେ ଅଭିନେତା ଓ କର୍ମୀ

**ପାରଳାଖେମୁଣ୍ଡି, ୧୦।୫(ସମିସ)**

ନିର୍ବାଚନକୁ ଆଉ ଦୁଇ ଦିନ ରହିଥିବା ବେଳେ ଶୁକ୍ରବାର ପ୍ରଚାର ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶନିବାର ଅପରାହ୍ନରେ ମାଇକ ପ୍ରଚାର ଆଦିର ସମାପନ ହେବ। ହେଲେ ଶୁକ୍ରବାର ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡିର ଜୋରଦାର ପ୍ରଚାର, ରୋଡ ଶୋ, ଘରକୁ ଘର ବୁଲି ନବୀନ ଗ୍ୟାରେଣ୍ଟି ତଥା ଦଳୀୟ ଇସ୍ତାହାର ସମ୍ପର୍କରେ ପ୍ରଚାର କରାଯାଇଛି। ଗୋଟିଏ ପଟେ ଓଲିଉଡ, ଟଲିଉଡ କଳାକାର ଏହି ନିର୍ବାଚନମଣ୍ଡଳୀର ବିଭିନ୍ନ ପ୍ରାନ୍ତରେ ପ୍ରଚାର ଚଳାଇଥିବା ବେଳେ ବିଧାୟକ ପ୍ରାର୍ଥୀ ଇଂ.ରୁପେଶ ପାଣିଗ୍ରାହୀ, ଦଳୀୟ ନେତା, କର୍ମୀ ଉତ୍ସାହର ସହ ପ୍ରଚାର କରୁଛନ୍ତି। ମେ ୧୩ ତାରିଖ ଦିନ ଭୋଟ ଦେବାକୁ ନିବେଦନ କରିବା ସହ ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଭୃଗୁବକ୍ସି ପାତ୍ର ଏବଂ ପାରଳାଖେମୁଣ୍ଡି ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀ ପାଣିଗ୍ରହୀଙ୍କ ସପକ୍ଷରେ ଭୋଟ ଦେବାପାଇଁ ନିବେଦନ କରୁଛନ୍ତି। ବିଧାୟକ ପ୍ରାର୍ଥୀଙ୍କ ଲାଗି ୪ନମ୍ବର ବଟନ ଟିପି ବା ପାଇଁ କୁହାଯାଉଥିବା ବେଳେ ଦଳୀୟ ଇସ୍ତାହାରକୁ ନେଇ ନେତା ଓ କର୍ମୀମାନେ ବେଶ ଖୁସି ହେବା ସହ ଗରୀବ ତଥା ଗ୍ରାମାଞ୍ଚଳବାସୀଙ୍କ ଲାଗି ମାଗଣା ବିଦ୍ୟୁତ, ମହିଳା ଓ ଯୁବ ବର୍ଗଙ୍କ ନିମନ୍ତେ ରହିଥିବା ଆକର୍ଷଣୀୟ ପରକଳ୍ପନା, କୃଷକଙ୍କୁ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଫସଲ ଋଣ, ଗ୍ରାମୀଣ ଗୃହ ଯୋଜଜନାରେ ୧୦ଲକ୍ଷ ଘର, ମଧ୍ୟବିତ୍ତଙ୍କୁ ବିଏସକେୱାଇ କାର୍ଡ, ବିଏସକେୱାଇ ନବୀନ କାର୍ଡରେ ସମସ୍ତ ବର୍ଗ ସାମିଲ ହେବା ଆଦି ସମ୍ପର୍କରେ ଜନସାଧାରଣଙ୍କୁ ବ୍ୟାପକ ଭାବେ କୁହାଯାଉଛି। ସେହିପରି ଗୋଷାଣି ବ୍ଲକର ଏମ୍‌ଏସ୍‌ପୁର, ଖର୍ଷଣ୍ଡା, ବଡକଡୁରୁ, କଣ୍ଟ୍ରାଗଡ଼, ଉପଲଡା ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଓଲିଉଡ୍ ତାରକା ବାବୁସାନ, ଏଲିନା ସାମନ୍ତରାୟ, ତେଲୁଗୁ କମିଡିଆନ ମାନଙ୍କ ପ୍ରଚାର କରିଛନ୍ତି। ଫିଲ୍ମ ସଂଳାପ କହି ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ପ୍ରଚାର କରିଛନ୍ତି।



### ■ କମାଗଡ଼ ଓ ରାଇପଲିରେ ବିଜେଡିର ପ୍ରଚାର



**ଆସିକା, ୧୦।୫(ସମିସ)**

ଆସିକା ବିଧାନସଭା ନିର୍ବାଚନମଣ୍ଡଳୀର କାମାଗଡ଼ ଓ ଗୁଣ୍ଡପଡ଼ା ପଞ୍ଚାୟତର ବିଭିନ୍ନ ଗାଁ ବୁଲି ବିଧାୟିକା ପାର୍ଥନୀ ମଞ୍ଜୁଳା ସ୍ୱାଇଁ ପ୍ରଚାର କରିଛନ୍ତି। ଏଥିରେ ହଜାର ହଜାର ପୁରୁଷ ଓ ମହିଳା ଯୋଗଦେଇଥିଲେ। ଏହି ଅବସରରେ ବିଜେଡି ନେତା ଭଗବାନ ସାହୁ, ଗଞ୍ଜାମ ଜୋନ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଟୁଟୁ ମଲିକ, ଶିବ ନାହାକ, ବିଜେଡି ନେତା ଭଗବାନ ସାହୁ ଯୋଗଦେଇଥିଲେ।

## ପୋଲସରା ବିଧାନସଭା ଆସନ; ମଇଦାନରେ ୯ ପ୍ରାର୍ଥୀ

**ବୁଗୁଡା, ୧୦।୫(ସମିସ):** ସାଧାରଣ ନିର୍ବାଚନର ପଞ୍ଚମ ପର୍ଯ୍ୟାୟ ତଥା ଚଳିତ ମାସ ୨୦ ତାରିଖ ଦିନ ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀର ୨୬୩ଟି ମତଦାନ କେନ୍ଦ୍ରରେ ଭୋଟ ଗ୍ରହଣ ହେବାକୁ ଥିବାବେଳେ ଏଥି ନିମନ୍ତେ ୯ ଜଣ ପ୍ରାର୍ଥୀ ରହିଥିବା ଜଣାଯାଇଛି। ବିଜେଡିରୁ ଶ୍ରୀକାନ୍ତ ସାହୁ, ବିଜେପିରୁ ଗୋକୁଳାନନ୍ଦ ମଲ୍ଲିକ, କଂଗ୍ରେସରୁ ଅଗସ୍ତି ବରାଡ, ବହୁଜନ ସମାଜ ପାର୍ଟିରୁ ପି.କୈଳାସ ଚନ୍ଦ୍ର ପାତ୍ର ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ଅକ୍ଷୟ କୁମାର ରାଉତ, ଜଗନ୍ନାଥ ସାମଲ, ନାରାୟଣ ସାହୁ, ନିରାକାର ନାୟକ ଓ ରାଜୀବ କୁମାର ଜେନା ପ୍ରମୁଖ ଅବତୀର୍ଣ୍ଣ ହୋଇଛନ୍ତି। ଏହି ନିର୍ବାଚନମଣ୍ଡଳୀରେ ମୋଟ ୨, ୪୮, ୯୩୭ ଜଣ ଭୋଟର ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୨୯୪୦୭ ଜଣ ପୁରୁଷ, ୧୧୯୫୨୨ ଜଣ ମହିଳା ଏବଂ ୮ ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଥିବା ଜଣାଯାଇଛି। ଉକ୍ତ ନିର୍ବାଚନ ମଇଦାନରେ ୯ ଜଣ ପ୍ରାର୍ଥୀ ରହିଥିଲେ ହେଁ ମୁଖ୍ୟତଃ ବିଜେଡି ଓ ବିଜେପି ମଧ୍ୟରେ ଲଢେଇ ଜୋର ଧରିଛି। ଉଭୟ ଦଳ ପକ୍ଷରୁ ଗ୍ରାମାଞ୍ଚଳଠୁ ଆରମ୍ଭ କରି ସହରାଞ୍ଚଳରେ ଘନ ଘନ ପ୍ରଚାର ଜାରି ରହିଥିବା ବେଳେ ପ୍ରାର୍ଥୀମାନେ ସେମାନଙ୍କ ସମର୍ଥକଙ୍କ ଗହଣରେ ଗାଁ ଗାଁ ବୁଲି ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳୁଛି।



## ରମ୍ଭାରେ ବିଜେପିର ପ୍ରଚାର; ଦଳୀୟ ପ୍ରାର୍ଥୀଙ୍କ ଲାଗି ଅଭିନେତ୍ରୀ ସ୍ନିଗ୍ଧା

**ରମ୍ଭା, ୧୦।୫(ସମିସ):** ଛତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀ ବିଜେପିର ସାଧାରଣ ନିର୍ବାଚନ ପ୍ରଚାର ଅବସରରେ ବରିଷ୍ଠ ନେତା ତଥା ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ଛତ୍ରପୁର ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ନାୟକ, ସିନେ ଅଭିନେତ୍ରୀ ସ୍ନିଗ୍ଧା ରାଣୀ ସିଂହ ସହ ରମ୍ଭା ଏନଏସି. ଅଧ୍ୟକ୍ଷା ମାନସୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ମିଞ୍ଜିନି ପାଟଣା ବାବା ଆଖଣ୍ଡଳମଣି ମନ୍ଦିର ଠାରୁ ମୃତ୍ୟୁଞ୍ଜୟ ମନ୍ଦିର ପର୍ଯ୍ୟନ୍ତ ଏକ ରୋଡ଼ ସୋ ଅନୁଷ୍ଠିତ ହୋଇଥିଲା। ଏଥି ସହିତ ବରିଷ୍ଠ ବିଜେପି ନେତା ରାମଚନ୍ଦ୍ର ପଣ୍ଡା ଦ୍ୱାର ଦ୍ୱାର ବୁଲି ଭୋଟ ଭିକ୍ଷା କରିବା ସହ ସ୍ଥାନେ ସ୍ଥାନେ ସହରାଞ୍ଚଳର ବିକାଶ ଉପରେ ବେତାର ମାଧ୍ୟମରେ ଆଲୋକପାତ କରିଥିଲେ। ତତ ସହିତ ଅବତୀର୍ଣ୍ଣ ବିଧାୟକ ପ୍ରାର୍ଥୀ କୃଷ୍ଣ ଚନ୍ଦ୍ର ନାୟକ ଓ ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହି ସହ ସମର୍ଥକଙ୍କୁ ସାଥିରେ ଧରି ଭୋଟ ଭିକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ କାଳିଆ ତରେଇ, କାହ୍ନୁ। ସ୍ୱାଇଁ (ଅଧ୍ୟକ୍ଷ। ପ୍ରତିନିଧି ), ସିମାଞ୍ଚଳ ବାଡତ୍ୟା, ମୁନା ସ୍ୱାଇଁ, କେଦାର ବାରିକ, ଯୁବ ସଭାପତି ପ୍ରଶାନ୍ତ ଗୌଡ଼, ଛତ୍ରପୁର ଏନଏସି ଅଧ୍ୟକ୍ଷା ପ୍ରତିନିଧି କେ. ଚନ୍ଦ୍ରଶେଖର ରେଡ୍ଡୀ, କାଉନସିଲର ଅଭିନାଥ ବେହେରା, ସରୋଜିନୀ ସେନାପତି, ଡଲି ବେହେରା, ଜୟନ୍ତୀ ଗୌଡ଼, କୁମାରୀ ଜାନି, ବନ୍ଦନା ଗୌଡ଼, ମଞ୍ଜୁଳା ସେଠୀ, ସୁବାସ ଚନ୍ଦ୍ର ବେହେରା, ଭଗବାନ ଗୌଡ଼, ଦିଲ୍ଲୀପ ତରେଇ, ଦିବାକର ତରେଇ, ସୁଦର୍ଶନ ସେନାପତି, ମନୋଜ ଗୌଡ଼, ନାଗେଶ୍ୱର ବେହେରା, ବୁଟୁ ଗୌଡ଼, ରବୀନ୍ଦ୍ର ସ୍ୱାଇଁ, କାଳିଆ ମଙ୍ଗଳା, ବୁଲୁ ସେଠୀ, କାମେଶ୍ୱର ବେହେରା, ମଦନ ସ୍ୱାଇଁ, ପିଙ୍କୁ ଗୌଡ଼, ମାଧବ ଗୌଡ଼, ବୁଟୁ ବିଶ୍ୱାଳ, କାଳିଆ ପ୍ରଧାନ, ରଞ୍ଜନ ପ୍ରଧାନ, ଗୌତମ ପଲେଇ, ଆଶିଷ ସାହୁ, ଦୁଃଖୀ ପରିଡ଼ା, ସନ୍ତୋଷ ତରେଇ, ସୁଦର୍ଶନ ତରେଇ, ଦିଲ୍ଲୀପ ନାୟକ, ଘନଶ୍ୟାମ ବେହେରା, ଭାସ୍କର ତରେଇ, ରମେଶ ଚନ୍ଦ୍ର ସାହୁ, ଲୋକନାଥ ଗୌଡ଼, ଅନୁ ସାହୁ ପ୍ରମୁଖ ପ୍ରାୟ ଶତାଧିକ ଦଳୀୟ କର୍ମୀ ଯୋଗ ଦେଇଥିଲେ।



## ବିଦ୍ୟୁତ ତାର ସ୍ପର୍ଶରେ ଆସି ଯୁବକ ମୃତ

ବାଲିଗୁଡା, ୧୦।୫(ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ସିନ୍ଦ୍ରି ଗାଁ ପଞ୍ଚାୟତ ବୋରୀପଡ଼ା ଗ୍ରାମର ଜଣେ ଯୁବକ ବାରିପଟେ ଥିବା କୂଅରେ ଲାଗିଥିବା ମୋଟରକୁ ଚାଲୁ କରିବା ନିମନ୍ତେ ଯାଇଥିଲେ। ସେଠାରେ କୌଣସି କାରଣବଶତଃ ବିଦ୍ୟୁତ ସଂସ୍ପର୍ଶରେ ଆସି ଅଚେତ୍ ହୋଇ ପଡ଼ିଯାଇଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକ ତାଙ୍କୁ ସିନ୍ଦ୍ରୀ ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଯୁବକଙ୍କ ନାମ ବାପୁଜୀ ବେହେରା(୨୩) ବୋଲି ଜଣାପଡ଼ିଛି। ବାଲିଗୁଡା ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ସାହୁ କହିଛନ୍ତି।

## ଦୁର୍ଘଟଣାରେ ବାପ ପୁଅ ଗୁରୁତର

ସାନଖେମୁଣ୍ଡି, ୧୦।୫(ସମିସ): ଗଞ୍ଜାମ-ଗଜପତି ମୁଖ୍ୟରାସ୍ତା ପୁରୁଣା ମୌଳାଭଣଜା ଗ୍ରାମ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଏକ ବାଇକକୁ ଧକା ଦେଇଛି କାର। ଫଳରେ ବାପା ପୁଅ ଗୁରୁତର ଆହତ ହୋଇଛନ୍ତି। ଆହତ ବାପା ପୁଅ ହେଲେ ଦିଗପହଣ୍ଡି ଥାନା ତିଳେଶ୍ୱର ଗ୍ରାମର ଦଣ୍ଡଷସି ଜେନା ଓ ତାଙ୍କ ପୁଅ ସିମାଞ୍ଚଳ ଜେନା। ଉଭୟେ ପୋଡ଼ାମାରି ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ କାର ତାଙ୍କ ବାଇକକୁ ଧକ୍କା ଦେଇଥିଲା। ଫଳରେ ଉଭୟେ ଆହତ ହୋଇଥିଲେ। ପୁଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ବାପା ପୁଅକୁ ଉଦ୍ଧାର କରି ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବୁଗୁଡା, ୧୦।୫(ସମିସ): ବୁଗୁଡା ଥାନା ଅନ୍ତର୍ଗତ ଗୋଲିଆ ଗ୍ରାମରେ ଝୁଲନ୍ତା ଅବସ୍ଥାରେ ଥିବା ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକ ଜଣକ ହେଲେ ଗୋଲିଆ ଗାଁ ନୂଆଁବନ୍ଧସାହିର ଗଙ୍ଗାଧର ପୋଲେଇ (୨୨)। ଏନେଇ ବୁଗୁଡା ଥାନାରେ କେସ୍‌ନଂ ୪/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ପୁଲିସ କହିଛି। ଗୁରୁବାର ରାତି ପ୍ରାୟ ସାଢେ ୧୨ ବେଳେ ଗୋଲିଆ ଗାଁ ବଡସାହିସ୍ଥିତ କୋଠ ରୋଷେଇ ଘର ଗ୍ରିଲରେ ବେକରେ ଗାମୁଛା ବନ୍ଧାହୋଇ ଝୁଲୁଥିବାର ଦେଖିବାକୁ ମିଳିଥିଲା। ତାଙ୍କୁ ସେଠାରୁ ଉଦ୍ଧାର କରାଯାଇ ବୁଗୁଡା ମେଡିକାଲକୁ ଅଣାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ତିରୁପତି ବାଲାଜୀଙ୍କ ବାର୍ଷିକ ଉତ୍ସବ

**ଛତ୍ରପୁର, ୧୦।୫(ସମିସ):** ଛତ୍ରପୁରର ଆରାଧ୍ୟ ଦେବୀ ମା'ରାମାୟାଣାମ୍ମାଙ୍କ ସୌଭାଗ୍ୟ କଲ୍ୟାଣ ମଣ୍ଡପରେ ତିରୁପତି ବାଲାଜୀଙ୍କ ୧୭ତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନରେ ସ୍ଥାନୀୟ ତାଡେପଲ୍ଲୀ ସାହି ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଥିବା ତିରୁପତି ବାଲାଜୀଙ୍କ ମନ୍ଦିରରେ ଠାକୁରଙ୍କ ସୁପ୍ରଭାତ ସେବା କରାଯିବା ସହିତ ଅଭିଷେକ ଓ ନିତ୍ୟପୂଜା ଅନୁଷ୍ଠିତ ହୋଇଥିଲା। ପରେ ଏକ ସୁସଜ୍ଜିତ ରଥରେ ତିରୁପତି ବାଲାଜୀଙ୍କୁ ସହର ପରିକ୍ରମା କରାଯାଇ ରାମାୟାଣାମ୍ମା ସୌଭାଗ୍ୟ କଲ୍ୟାଣ ମଣ୍ଡପକୁ ଅଣାଯାଇଥିଲା। ସେଠାରେ ତିରୁପତି ବାଲାଜୀଙ୍କ କଲ୍ୟାଣମ୍ ଅନୁଷ୍ଠିତ ହୋଇଥିଲା। ବର ପକ୍ଷରୁ ଲିଙ୍ଗରାଜ ରେଡ୍ଡୀ, ନୃସିଂହ ରେଡ୍ଡୀ ଓ ସୁଧିର ପଟ୍ଟନାୟକ ନିଜ ନିଜ ଧର୍ମପତ୍ନୀଙ୍କ ସହିତ ଦାୟିତ୍ୱ ତୁଲାଇଥିବା ବେଳେ କନ୍ୟା ପକ୍ଷରୁ ବି. ଶ୍ରୀନିବାସ ତାଙ୍କ ଧର୍ମପତ୍ନୀ ବି. ଉଷା, ଆର୍. ଶ୍ରୀନିବାସ ରାଓ ତାଙ୍କ ଧର୍ମପତ୍ନୀ ଆର୍. ସୂର୍ଯ୍ୟ କୁମାରୀ ଓ ଏସ୍. ଶ୍ରୀନୀବାସ ତାଙ୍କ ଧର୍ମପତ୍ନୀ ଏସ. ରାଣୀ ଦାୟିତ୍ୱ ତୁଲାଇଥିଲେ। ସନ୍ଧ୍ୟାରେ ଠାକୁରଙ୍କୁ ସହର ପରିକ୍ରମା କରି ଜଗନ୍ନାଥ ମନ୍ଦିରରେ ଥିବା ତିରୁପତି ବାଲାଜୀଙ୍କ ମନ୍ଦିରରେ ଉପବେସନ କରାଯାଇଥିଲା।

ଆସନ୍ତା ୧୮ ତାରିଖ ଦିନ ଶିବ କୁମାର ପଟ୍ଟନାୟକ ରିଡିଙ୍ଗ ରୁମ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସୂଚନା ମିଳିଛି।



## ଛତ୍ରପୁରରେ ବିଜୁ ଜନତା ଦଳକୁ ବିପୁଳ ଜନସମର୍ଥନ

**ଛତ୍ରପୁର, ୧୦।୫(ସମିସ):** ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ପ୍ରଚାର ଜୋରଦାର ହୋଇଛି। ବିଜେଡି ପ୍ରାର୍ଥୀଙ୍କୁ ସବୁଠାରେ ବିପୁଳ ସମ୍ବର୍ଦ୍ଧନା ଓ ସମର୍ଥନ ମିଳୁଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନ ଓ ରାଜ୍ୟର ସାମଗ୍ରିକ ବିକାଶକୁ ଆଧାର କରି ଛତ୍ରପୁର ନିର୍ବଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଓ ବ୍ରହ୍ମପୁର ସାଂସଦୀୟ କ୍ଷେତ୍ରରେ ସାଂସଦ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ମୋହର ଦେବାକୁ କର୍ମୀମାନେ ଭୋଟରଙ୍କୁ ନିବେଦନ କରିଛନ୍ତି। ଛତ୍ରପୁର ନିର୍ବାଚନ ମଣ୍ଡଳୀର ଶ୍ରୀରାମଚନ୍ଦ୍ରପୁର ଓ ଚମାଖଣ୍ଡି ପଞ୍ଚାୟତରେ ବିଜୁ ଜନତା ଦଳ ପକ୍ଷରୁ ଦମଦାର ପ୍ରଚାର ହୋଇଯାଇଛି। ବିଜୁ ଜନତା ଦଳର ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଓ ଛତ୍ରପୁର ବିଧାୟକ ପ୍ରାର୍ଥୀ ସୁବାଷ ଚନ୍ଦ୍ର ବେହେରା ଦୁଇଟି ପଞ୍ଚାୟତର ଘରକୁ ଘର ବୁଲି ଜନସାଧାରଣଙ୍କୁ ଭୋଟ୍ ଭିକ୍ଷା କରିବା ସହ ଯୋଡିଶଙ୍ଖରେ ଭୋଟ ଦେବାକୁ ଦୁଇ ନେତା ନିବେଦନ କରିଥିଲେ। ସବୁଠି ବିଜେଡି ସାଂସଦ ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ସମର୍ଥନ ସହିତ ବିଭିନ୍ନ ଢ଼ଙ୍ଗରେ ସ୍ୱାଗତ କରାଯାଇଛି। ଉଭୟ ଓଡ଼ିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ସଭିଏଁ ସଙ୍କଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ଏହା ସହ ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ବିକାଶର ଧାରା ବଜାୟ ରଖିବାକୁ ସହଯୋଗ କାମନା କରିଥିଲେ। ସେହିପରି ଆଜି ଦୁଇଟି ପଞ୍ଚାତୟରେ ଓଡିଆ ସିନେ ଅଭିନେତା ଜ୍ୟୋତି, ଅଭିନେତ୍ରୀ ଦିବ୍ୟା ଓ ଚାନ୍ଦିନୀ ବିଜେଡି ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ଚମାଖଣ୍ଡି ସରପଞ୍ଚ ସିଏଚ. ମନୋଜ ରେଡ୍ଡୀ, ସମିତି ସଭ୍ୟ ଏନ. ଚନ୍ଦ୍ରୟା ରେଡ୍ଡୀ, ଶ୍ରୀରାମଚନ୍ଦ୍ରପୁର ଏସ. ସଞ୍ଜୀବ ରେଡ୍ଡୀ, ସମିତି ସଭ୍ୟ ଏସ. ଚକ୍ରପାଣି ରେଡ୍ଡୀ, ବିଜୁ ଜନତା ଦଳର ଜିଲ୍ଲା ଉପସଭାପତି ଶଙ୍କର ପ୍ରସାଦ ଦାଶ, କେ. ତ୍ରମ୍ବନାଥ ରେଡ୍ଡୀ, ଏନ. ଈଶ୍ୱର ରେଡ୍ଡୀ, ଗୁରୁମୂର୍ତ୍ତି ରେଡ୍ଡୀ, ଶହଦେବ ସାହୁ, ଏନ. ଦିନା ରେଡ୍ଡୀ, ପି. ଧବଳେଶ୍ୱର, ନାରୀନେତ୍ରୀ ନୀଳାଦ୍ରି ପ୍ରଧାନ, କାଳୀପଲ୍ଲୀ ସମିତି ସଭ୍ୟ ବିକାଶ ବେହେରା, ଅମର ବେହେରା, ଏନ. କାମରାଜୁ ରେଡ୍ଡୀଙ୍କ ସମେତ ବହୁ କର୍ମୀ ପ୍ରଚାରେ ସାମିଲ ହୋଇଥିଲେ।





### ୧୪ନଂ ୱାର୍ଡରେ ପ୍ରଚାର ମଙ୍ଗ ଧରିଲେ ଉପାଧ୍ୟକ୍ଷ



ଛତ୍ରପୁର ପୌର ପରିଷଦ ଅନ୍ତର୍ଗତ ୧୪ ନଂ ୱାର୍ଡରେ ବିଜେଡିର ଜୋରଦାର ପ୍ରଚାର ଉପାଧ୍ୟକ୍ଷ ଜି. ପାପା ରାଓଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ଗଣେଶ ନଗର ନିକଟରୁ ବହୁ ମହିଳା, ୱାର୍ଡ ବାସିନ୍ଦା, ଦଳର ଛାମୁଆ ନେତା ଓ କର୍ମୀ ମାନେ ପୂର୍ଜାଅର୍ଚ୍ଚନା କରି ୱାର୍ଡର ଘରକୁ ଘର ବୁଲି ବିଜେଡି ଛତ୍ରପୁର ବିଧାୟକ ପ୍ରାର୍ଥୀ ସୁବାସ ଚନ୍ଦ୍ର ବେହେରା ଓ ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ରଙ୍କ ନିମନ୍ତେ ଭୋଟ ଭିକ୍ଷା କରିଛନ୍ତି। ରାଜ୍ୟ ସରକାରଙ୍କ ଜନ ମଙ୍ଗଳ କାର୍ଯ୍ୟ ତଥା ବିଏସକେୱାଇ କାର୍ଡ ଠାରୁ ଆରମ୍ଭ କରି ବିଭିନ୍ନ ଯୋଜନା ସମସ୍ତ ବର୍ଗର ଲୋକଙ୍କ ପାଇଁ କରିଛନ୍ତି। ଏଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରି ଭାରତ ବର୍ଷରେ ରେକର୍ଡ ସୃଷ୍ଟି କରିବା ପାଇଁ ସେମାନେ ଲୋକଙ୍କୁ ନିବେଦନ କରିଛନ୍ତି। ପ୍ରଚାରରେ କାଉନସିଲର ଦେବାଶିଷ ମିଶ୍ର, ପ୍ରୀତି ଛନ୍ଦା ସାମଲ, ବି. ନିଶ୍ଚଳା ସ୍ୱାମୀ, ମମତା ପାତ୍ର ଓ ଡି ଇନ୍ଦୁ, ପୂର୍ବତନ ଏନଏସି ଉପାଧ୍ୟକ୍ଷ ପ୍ରଦୋଷ ବେହେରା ଓ ମିଟୁ ବେହେରାଙ୍କ ସମେତ ବହୁ ମହିଳା ଓ ପୁରୁଷ ସାମିଲ ଥିଲେ।

## ବିଶ୍ୱ ରେଡକ୍ରସ୍ ଦିବସ ପାଳିତ

**ବେଲଗୁଣ୍ଠା, ୧୦।୫(ସମିସ):** ବେଲଗୁଣ୍ଠା ବ୍ଲକ କ୍ଷତ୍ରିୟବରପୁରସ୍ଥିତ ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ ଶାଖା ତରଫରୁ 'ବିଶ୍ୱ ରେଡକ୍ରସ୍ ଦିବସ' ପାଳିତ ହୋଇଯାଇଛି। ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଯୁବ ରେଡକ୍ରସ୍ ଉପଦେଷ୍ଟା ସୁଶାନ୍ତ କୁମାର ଲେଙ୍କା ସଂଯୋଜନା କରିଥିଲେ। ଶେଷରେ ଯୁବ ରେଡକ୍ରସ୍ ସହ ଉପଦେଷ୍ଟା ସ୍ୱରୂପା ରାଣୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର କର୍ମଚାରୀ କୁମୁଦ ଚନ୍ଦ୍ର ମହାପାତ୍ର, ପି ଦୀପକ ରାଓ, ଦେବେଶ ଚନ୍ଦ୍ର ମହାପାତ୍ର, ଗଙ୍ଗାଧର ରଣା, ତ୍ରିନାଥ ବେହେରା, ଜୟଶ୍ରୀ ସେଠୀ, ଭାରତୀ ବିଶ୍ୱାଳ, ରାମଚନ୍ଦ୍ର ନାୟକ, ପଦ୍ମ ଚରଣ ନାୟକ, ମହେଶ୍ୱର ନାଇକ ପ୍ରମୁଖ ଉପସ୍ଥିତ ଥିଲେ।

## ଆସିକା ବିଜ୍ଞାନ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସଫଳତା

ଆସିକା, ୧୦।୫(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଆସିକା ବିଜ୍ଞାନ ମହାବିଦ୍ୟାଳୟର ଜନୈକ ଅନର୍ସ ଛାତ୍ର ଗଣେଶ ସ୍ୱାଇଁ ୧୨୯୪ ମାର୍କ ରଖି ସ୍ନାତକ ହିନ୍ଦୀ ଭାଷା ସାହିତ୍ୟରେ ଏବଂ ଜନୈକ ଅନର୍ସ ଛାତ୍ରୀ ରଶ୍ମୀରେଖା ପୋଲାଇ ୧୩୨୫ ମାର୍କ ରଖି ସ୍ନାତକ ରସାୟନ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଳଙ୍କୃତ କରି ସଫଳତା ହାସଲ କରିଛନ୍ତି। ଛାତ୍ର ଶ୍ରୀ ସ୍ୱାଇଁ ଆସିକା ବ୍ଲକ ଅଧୀନସ୍ଥ ରଷିପୁର ଗ୍ରାମ ନିବାସୀ ଶ୍ରୀ କାଳୁ ସ୍ୱାଇଁ ଏବଂ ସୁକାନ୍ତି ସ୍ୱାଇଁଙ୍କ ସୁଯୋଗ୍ୟ ସନ୍ତାନ ଅଟନ୍ତି। ଛାତ୍ରୀ ସୁଶ୍ରୀ ପୋଲାଇ କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ନନ୍ଦିଆଗଡ଼ା ଗ୍ରାମ ନିବାସୀ ଶରତ ପୋଲାଇ ଏବଂ ଆରତୀ ପୋଲାଇଙ୍କ କନ୍ୟା ଅଟନ୍ତି। ଉଭୟେ ଏହି ସଫଳତାର ଶ୍ରେୟ ନିଜର ଅକ୍ଳାନ୍ତ ପରିଶ୍ରମ, ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଜୀବାନନ୍ଦ ତ୍ରିପାଠୀଙ୍କ ପରିମାର୍ଜିତ ଶୈକ୍ଷିକ ବାତାବରଣ ଏବଂ ପରିଚାଳନା କମିଟିର ସଭାପତି ଅବସରପ୍ରାପ୍ତ ପ୍ରଫେସର ପ୍ରସନ୍ନ କୁମାର ପ୍ରଧାନ ଏବଂ ଅନ୍ୟାନ୍ୟ ସଦସ୍ୟ ଏବଂ ସଦସ୍ୟା ବୃନ୍ଦଙ୍କ ଯୋଜନାବଦ୍ଧ ପଦକ୍ଷେପ, ହିନ୍ଦୀ ବିଭାଗ ମୁଖ୍ୟ ଡ. ଜିନିତ୍ ସବା, ଅଧ୍ୟାପକ ରାଜେଶ୍ କୁମାର ସାହୁ ଏବଂ ସୁଶ୍ରୀ କୁନିକା ଦାଶ ତଥା ଏବଂ ରସାୟନ ବିଭାଗ ମୁଖ୍ୟ ଡ. ସନ୍ତୋଷ କୁମାର ଚୌଧୁରୀ, ବରିଷ୍ଠ ରିଡର ପ୍ରଫେସର ଜନାର୍ଦ୍ଦନ ସାହୁ, ଚନ୍ଦନ ମାରାଣ୍ଡି ଏବଂ ଅଧ୍ୟାପିକା ମାଧୁରୀ ହେମ୍ବ୍ରମ ଏବଂ ପ୍ରୟୋଗଶାଳା ଶିକ୍ଷକ ଦ୍ୱୟ ଧନଞ୍ଜୟ ମହାପାତ୍ର ଏବଂ କୃଷ୍ଣଚନ୍ଦ୍ର ପାତ୍ରଙ୍କ ବଳିଷ୍ଠ ପ୍ରେରଣା ତଥା ମାର୍ଗଦର୍ଶନକୁ ଏବଂ ପରିଶେଷରେ ଈଶ୍ୱରଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ନିର୍ବାଚନ ପାଇଁ ଆସୁଛି ଅପମିଶ୍ରିତ ମଦ

ହୁମ୍ମା, ୧୦।୫(ସମିସ): ଆଉ ୫ ଦିନ ପରେ ନିର୍ବାଚନ। ମିଶ୍ରଣ ପର୍ବ ପରେ ତେଜୁଛି ରାଜନୀତି ତାତି। ଗାଁ ଗଣ୍ଡାରେ ଦଳୀୟ ଅସନ୍ତୋଷକୁ ବିବାଦ ଦେଖାଦେଇଛି। ହେଲେ ନକଲି ଅପମିଶ୍ରିତ ମଦ ମାଫିଆଙ୍କ ଟାର୍ଗେଟରେ ସ୍ଥାନୀୟ ନେତା। ନିର୍ବାଚକୁ ଆଖି ଆଗରେ ରଖି ରମ୍ଭା ଥାନା ଇଲାକାରେ ଚାଲିଛି ମଦ ମାଂସର ଆସର। ମଦ ପିଇ ମାତାଲ ହେବାରେ ଲାଗିଛନ୍ତି ବିଭିନ୍ନ ଦଳୀୟ କର୍ମୀ। ବିଷାକ୍ତ ନକଲି ଅପମିଶ୍ରିତ ମଦ ପିଇ ଗାଁ ଗଣ୍ଡାରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ସ୍ଥାନୀୟ ନେତାଙ୍କ ଘରେ ହଜାର ହଜାର ଅପମିଶ୍ରିତ ମଦ ଥିବା ଜଣାପଡ଼ିଛି। ସାଧାରଣ ଜନତା ଏହାର ପ୍ରତିବାଦ କରିଲେ ସେମାନଙ୍କୁ ସ୍ଥାନୀୟ ନେତାଙ୍କୁ ଧମକ ମିଳୁଥିବା ଅଭିଯୋଗ ହୋଇଛି। ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ କୌଣସି ଯାଞ୍ଚ କରାଯାଉ ନାହିଁ। ଯଦି ବିଷାକ୍ତ ମଦ ପିଇ ସାଧାରଣ ଜନତାଙ୍କ ଶରୀର ଅସୁସ୍ଥ କିମ୍ବା କୌଣସି ହାନି ଘଟେ ତାହେଲେ ଦାୟୀ କିଏ ରହିବ ଗାଁ ଗହଳି ଲୋକମାନେ ପ୍ରଶ୍ନ କରିଛନ୍ତି। ରମ୍ଭା ପୁଲିସ ଓ ଅବକାରୀ ବିଭାଗ ଓ ଜିଲ୍ଲା ପ୍ରଶାସନର ଦୃଷ୍ଟି ଦେବାକୁ ଦାବି ହୋଇଛି।

